Weekly Multilingual

# ଭଏସ୍ ଅଫ୍ ଭିକ୍ଟିମ୍ସ

Voice of Victims

RNI Regd. No. :ODIMUL/2023/89182 Rs - 5.00

ଭାଗ:୨, ସଂଖ୍ୟା: ୧୯, ଭୁବନେଶ୍ୱର, ମାର୍ଚ୍ଚ ୨୪- ୩୦, ୨୦୨୫, Vol: 2, Issue: 19, Bhubaneswar, March 24-30, 2025 Pages- 8

# ସାବଧାନ୍ ! ଠକ ମାତିଛନ୍ତି

ଅର୍ପିତା ମିଶ୍ର

ଅପରାଧର ସଂଜ୍ଞା କଣ ? ସ୍ୱାର୍ଥପାଇଁ ଅନ୍ୟର କ୍ଷତି କରିବା ଅବା କାହାର ଆବଶ୍ୟକତାର ଫାଇଦା ଉଠାଇ ଧୋକା ଦେବା। ଅପରାଧ ମାନସିକତାଧାରୀ ମଣିଷ ଆଜିର ସମାଜରେ ଅନେକ ଅଛନ୍ତି। ଅପରାଧର ମାତ୍ରା ଦିନକୁ ଦିନ ବଢ଼ି ଚାଲିଛି, ଯାହାର ଅନେକ ମାର୍ଗ ରହିଛି, ଯଥା : ହିଂସା, ଚୋରୀ, ଡକାୟତି, ଗୁଣ୍ଡାଗର୍ଦ୍ଦି, ହତ୍ୟା, ଧର୍ଷଣ ଏଭଳି ଅନେକ। ଏଥି ସହିତ ଅପରାଧର ଆଉଏକ ନୂଆ ମାଧ୍ୟମ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଯାହାର ନାଁ 'ଫ୍ରଡ଼ ଅର୍ଥାତ ଠକେଇ'।

ଏକୋଇଶି ଦଶକର ଟେକ୍ନୋଲଜି ଯୁଗରେ ଠକେଇର ମାତ୍ରା ସୀମା ପାର କଲାଣି। ଏବେ ଠକେଇର ଶିକାର ସମାଜର ପ୍ରତିଟି ବର୍ଗର ଲୋକ ହେଉଛନ୍ତି। ବଦଳୁଥିବା ସମୟ ସାଥିରେ ତାଳଦେଇ ଚାଲିବାର ପ୍ରୟାସରେ, ଆବଶ୍ୟକତାକୁ ପୂରଣ କରିବାକୁ ଯାଇ ଠକାମିକୁ ସାମ୍ନା କରୁଛନ୍ତି ଅସଂଖ୍ୟ ଜନତା। ଏହି ଠକାମିର ଅନେକ ଗୁଡିଏ ପ୍ରକାର ଭେଦ ରହିଛି।

**ପରିଚୟ ଚୋରି:**

ଏହା ସେତେବେଳେ ହୁଏ ଯେତେବେଳେ କେହି ଅନ୍ୟ ବ୍ୟକ୍ତିଙ୍କ ବ୍ୟକ୍ତିଗତ ସୂଚନା (ଯେପରିକି ସାମାଜିକ ସୁରକ୍ଷା ନମ୍ବର କିମ୍ବା ବ୍ୟାଙ୍କ ବିବରଣୀ) ବେଆଇନ ଭାବରେ ହାସଲ କରି ବ୍ୟବହାର କରି ଠକେଇ କରନ୍ତି, ଯେପରିକି କ୍ରେଡିଟ୍ ଆକାଉଣ୍ଟ ଖୋଲିବା କିମ୍ବା ସେମାନଙ୍କର ଆର୍ଥିକ ସମ୍ବଳ ଆକସେସ୍ କରିବା ଇତ୍ୟାଦି।

**କ୍ରେଡିଟ୍ କାର୍ଡ ଠକେଇ:**

ଏଥିରେ କାହାର କ୍ରେଡିଟ୍ କାର୍ଡ ବିବରଣୀକୁ ଅନଧିକୃତ ଭାବେ ବ୍ୟବହାର କରି ଟଙ୍କା କ୍ରୟ କରିବା କିମ୍ବା ଉଠାଇବା ଅନ୍ତର୍ଭୁକ୍ତ ରହିଥାଏ। ଏହା ଫିଜିକାଲ୍ କାର୍ଡ ଚୋରି କିମ୍ବା ଅନଲାଇନ ଠକେଇ ମାଧ୍ୟମରେ ହୋଇପାରେ।

**ବୀମା ଠକେଇ:**

ଏହି ପ୍ରକାରରେ, ବ୍ୟକ୍ତି କିମ୍ବା ବ୍ୟବସାୟୀମାନେ ବୀମା କଂପାନିଗୁଡ଼ିକୁ ମିଥ୍ୟା ଦାବି କରନ୍ତି ଯାହା ସେମାନେ ପାଇବାକୁ ଯୋଗ୍ୟ ନୁହଁନ୍ତି । ଉଦାହରଣ ସ୍ୱରୂପ କ୍ଷୟକ୍ଷତିକୁ ଅତ୍ୟଧିକ କରିବା କିମ୍ବା ମିଛ ଦୁର୍ଘଟଣା ଘଟାଇବା ଅନ୍ତର୍ଭୁକ୍ତ।

**ବନ୍ଧକ ଠକେଇ:**

ଏଥିରେ ବନ୍ଧକ ଋଣ ସୁରକ୍ଷିତ କରିବା ପାଇଁ ପ୍ରଦାନ କରାଯାଇଥିବା ବିଭ୍ରାନ୍ତିକର କିମ୍ବା ଜାଲିଆତି ସୂଚନା ଅନ୍ତର୍ଭୁକ୍ତ । ସାଧାରଣ କୌଶଳ ମଧ୍ୟରେ ଆୟ ବୃଦ୍ଧି କରିବା, ମିଥ୍ୟା ନିଯୁକ୍ତି ବିବରଣୀ ପ୍ରଦାନ କରିବା କିମ୍ବା ସମ୍ପତ୍ତିର ମୂଲ୍ୟ ବିଷୟରେ ମିଛ କହିବା ଇତ୍ୟାଦି ଅନ୍ତର୍ଭୁକ୍ତ।

**ଟିକସ ଠକେଇ:**

ଏହା ସେତେବେଳେ ହୋଇଥାଏ ଯେତେବେଳେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଜାଣିଶୁଣି ଟିକସ ଫେରାଇବା ବିଷୟରେ ମିଥ୍ୟା ସୂଚନା ଦେଇଥାଏ, ଯାହା ଦ୍ୱାରା ସଠିକ ପରିମାଣର ଟିକସ ପୈଠ ହୁଏନାହିଁ।

**ନିବେଶ ଠକେଇ:**

ଏଥିରେ ଆର୍ଥିକ ନିବେଶ ସମ୍ବନ୍ଧୀୟ ଭ୍ରମାତ୍ମକ ତଥ୍ୟ ଦେବା ଅଭ୍ୟାସ ଅନ୍ତର୍ଭୁକ୍ତ, ଯେପରିକି ପୁଞ୍ଜି ସ୍କିମ୍, ଯେଉଁଠାରେ ନୂତନ ନିବେଶକଙ୍କ ପୁଞ୍ଜି ବ୍ୟବହାର କରି ପୂର୍ବ ନିବେଶକମାନଙ୍କୁ ରିଟର୍ଣ୍ଣ ପ୍ରଦାନ କରାଯାଏ, କିମ୍ବା ନିବେଶକଙ୍କୁ ପ୍ରଲୋଭିତ କରିବା ପାଇଁ ନିବେଶର ପ୍ରଦର୍ଶନକୁ ଭୁଲ ଭାବରେ ଉପସ୍ଥାପନ କରାଯାଏ।

**ସାଇବର ଠକେଇ:**

ଏପ୍ରକାର ଠକେଇ କରିବା ପାଇଁ ଇଲେକ୍ଟ୍ରୋନିକ୍ ଯୋଗାଯୋଗ ଯଥା ଇମେଲ୍, ଫୋନ୍ କିମ୍ବା ଇଣ୍ଟରନେଟ୍ ବ୍ୟବହାର କରିବା, ଯେପରିକି ଟଙ୍କା କିମ୍ବା ସମ୍ପତ୍ତି ଚୋରି କରିବା ପାଇଁ ମିଥ୍ୟା ସୂଚନା ପଠାଇବା ଇତ୍ୟାଦି ଅନ୍ତର୍ଭୁକ୍ତ।

**ସ୍ୱାସ୍ଥ୍ୟ ବୀମା ଠକେଇ:**

ଏହି ପ୍ରକାର ଠକେଇ ସେତେବେଳେ ହୋଇଥାଏ ଯେତେବେଳେ କେହି ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମିଥ୍ୟା ଦାବି କିମ୍ବା ଚାର୍ଜ କରନ୍ତି। ଯେପରିକି ବୀମା କମ୍ପାନୀଗୁଡିକୁ ଅତ୍ୟଧିକ ଜମା କରିବା କିମ୍ବା ଲାଭ ବୃଦ୍ଧି କରିବା ପାଇଁ ଅନାବଶ୍ୟକ ଚିକିତ୍ସା ସେବା ପ୍ରଦାନ କରିବା କହିଥାନ୍ତି।

ଇଣ୍ଟରନେଟ୍ କିମ୍ବା ଅନଲାଇନ୍ ଠକେଇ:

ଇଣ୍ଟରନେଟରେ ହେଉଥିବା ବିଭିନ୍ନ ପ୍ରକାରର ଠକେଇ, ଯେଉଁଠାରେ ଜାଲିଆତି ୱେବସାଇଟ୍ କିମ୍ବା ଇମେଲ୍ ମାଧ୍ୟମରେ ଲୋକଙ୍କୁ ପାସୱାର୍ଡ କିମ୍ବା କ୍ରେଡିଟ୍ କାର୍ଡ ନମ୍ବର ଭଳି ସମ୍ବେଦନଶୀଳ ସୂଚନା ପ୍ରକାଶ କରିବାକୁ ଠକିଥାଏ।

**ବ୍ୟାଙ୍କ ଠକେଇ:**

ଏଥିରେ ବ୍ୟାଙ୍କ କିମ୍ବା ଆର୍ଥିକ ଅନୁଷ୍ଠାନ ସହିତ ଜଡିତ କୌଣସି ଠକେଇ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ, ଯେପରିକି ଚେକ୍ ଠକେଇ, ଟଙ୍କା ଟ୍ରାନ୍ସଫର ଠକେଇ, କିମ୍ବା ଋଣ ଠକେଇ, ଯେଉଁଠାରେ ଅପରାଧୀ ଟଙ୍କା ଚୋରି କରିବା କିମ୍ବା ଅନଧିକୃତ ଲାଭ ପାଇବା ପାଇଁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ହେରଫେର କରିଥାଏ।

**ଚ୍ୟାରିଟି ଠକେଇ:**

ଏହି ପ୍ରକାରରେ ଠକମାନେ ନକଲି ଦାତବ୍ୟ ସଂସ୍ଥା ତିଆରି କରନ୍ତି କିମ୍ବା ଦାନର ଅପବ୍ୟବହାର କରି ଲୋକଙ୍କୁ ଟଙ୍କା ଦେବା ପାଇଁ ପ୍ରତାରଣା କରିଥାନ୍ତି।

**ନିଯୁକ୍ତି ଠକେଇ:**

ଏଥିରେ ନିଯୁକ୍ତି ସମ୍ବନ୍ଧୀୟ ଭ୍ରମାତ୍ମକ ତଥ୍ୟ ଦେବା କୌଶଳ ଅନ୍ତର୍ଭୁକ୍ତ, ଯେପରିକି ନକଲି ଚାକିରି ଅଫର କିମ୍ବା କାହାର ବ୍ୟକ୍ତିଗତ ଡାଟା ଆକସେସ୍ ପାଇବା ପାଇଁ ନିଯୁକ୍ତିଦାତାଙ୍କୁ ଭୁଲ ତଥ୍ୟ ପ୍ରଦାନ କରିବା କିମ୍ବା ଅସମ୍ପୂର୍ଣ୍ଣ ଚାକିରି ନିଯୁକ୍ତି ପାଇଁ ଶୁଳ୍କ ଆଦାୟ କରିବା ସମ୍ପୃକ୍ତ ରହିଛି।



**କର୍ପୋରେଟ୍ ଠକେଇ:**

ଏହା ଏକ କମ୍ପାନୀ ମାଧ୍ୟମରେ ଅସାଧୁ ଅଭ୍ୟାସକୁ ବୁଝାଏ, ଯେପରିକି ଆକାଉଣ୍ଟିଂ ଠକେଇ, ଯେଉଁଠାରେ ନିବେଶକ, ଅଡିଟର କିମ୍ବା ନିୟାମକ ସଂସ୍ଥାକୁ ବିଭ୍ରାନ୍ତ କରିବା ପାଇଁ ମିଥ୍ୟା ଆର୍ଥିକ ବିବରଣୀ ସୃଷ୍ଟି କରାଯାଇଥାଏ। ଆମ ଦେଶ ଭାରତରେ ମଧ୍ୟ ଉପର ବର୍ଣ୍ଣିତ ଠକେଇ ଅବ୍ୟାହତ ରହିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ଧରି ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଠକେଇ ମାମଲା ବୃଦ୍ଧି ପାଇବାରେ ଲାଗିଛି। ୨୦୨୦-୨୧ ଆର୍ଥିକ ବର୍ଷ ପରଠାରୁ ବ୍ୟାଙ୍କଠକେଇ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଥିବା ବେଳେ ୧.୮୫ ଲକ୍ଷ କୋଟିରୁ ଅଧିକ ଟଙ୍କାର ଠକେଇ ହୋଇଛି। ଉଦାହରଣ ସ୍ୱରୂପ ନୀରବ ମୋଦୀ (ପି.ଏନ୍.ବି ବ୍ୟାଙ୍କ୍ ଦୁର୍ନୀତି) ଏବଂ ବିଜୟ ମାଲ୍ୟା (କିଙ୍ଗଫିସର ଏୟାରଲାଇନ୍ସ ଠକେଇ) ଭଳି ବଡ଼ ଧରଣର ଠକେଇ ବ୍ୟବସାୟୀ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ହୋଇଛି। ସାଇବର ଠକେଇ, ଫିସିଂ ଓ ପରିଚୟ ଚୋରି ଭଳି ଡିଜିଟାଲ କାରବାର ବୃଦ୍ଧି ପାଇବା ଫଳରେ ସାଇବର ଠକେଇ ବୃଦ୍ଧି ପାଇଛି। ଠକମାନେ ବ୍ୟାଙ୍କିଙ୍ଗ୍ ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ସୂଚନା ଚୋରି କରିବା ପାଇଁ ଫିସିଂ ଇମେଲ୍, ନକଲି ୱେବସାଇଟ୍ ଏବଂ ମାଲୱେୟାର ଭଳି କୌଶଳ ବ୍ୟବହାର କରନ୍ତି। ସାଇବର ଠକେଇ ପରିସଂଖ୍ୟାନ ଆମେ ଯଦି ଦେଖିବା, ୨୦୨୦ ରିପୋର୍ଟ ଅନୁଯାୟୀ ଭାରତରେ ୨୫ହଜାରରୁ ଅଧିକ ସାଇବର ଅପରାଧ ମାମଲା ଘଟିଛି। ନ୍ୟାସନାଲ୍ ସାଇବର୍ କ୍ରାଇମ ରିପୋର୍ଟିଂ ପୋର୍ଟାଲରେ ସାଇବର ଅପରାଧ, ବିଶେଷ କରି ଠକେଇ ସମ୍ପର୍କିତ ଅଭିଯୋଗ ୨୦୧୯ରେ ପ୍ରାୟ ୧୦,୦୦୦ ଥିବାବେଳେ ୨୦୨୦ରେ ଏହା ୫୦,୦୦୦କୁ ବୃଦ୍ଧି ପାଇଛି। ଇ-କମର୍ସ ଏବଂ ଅନଲାଇନ୍ ଠକେଇ, ଅନଲାଇନ୍ ସପିଂ ଠକେଇ, ଜାଲ୍ ୱେବସାଇଟ୍ ଏବଂ ନକଲି ଅଫର ଦେଇ ଗ୍ରାହକଙ୍କୁ ଆକର୍ଷିତ କରି ଠକେଇ କରିବା ଫଳରେ ପ୍ରଭୁତ ଆର୍ଥିକ କ୍ଷତି ହୋଇଥାଏ। ନକଲି ପ୍ରଡକ୍ଟ ଲିଷ୍ଟିଂ ମାଧ୍ୟମରେ ଠକମାନେ ନକଲି ଇ-କମର୍ସ ୱେବସାଇଟ୍ ତିଆରି କରନ୍ତି କିମ୍ବା ସ୍ମାର୍ଟଫୋନ୍, ଲାପଟପ୍ ଆଦି ଲୋକପ୍ରିୟ ଉତ୍ପାଦ ଉପରେ ରିହାତି ପ୍ରଦାନ କରି ସୋସିଆଲ ମିଡିଆରେ ପୋଷ୍ଟ କରନ୍ତି। ଯାହା ଫଳରେ ଗ୍ରାହକ ଆକୃଷ୍ଟ ହୋଇ ଠକାମିର ଶିକାର ହୋଇଥାଏ। କ୍ୟାସ୍ ଅନ୍ ଡେଲିଭରି (ସିଓଡି) ଠକେଇର ଅର୍ଥ ନକଲି ଡେଲିଭରି ଏବଂ ଜାଲିଆତି ରିଟର୍ଣ୍ଣ ସ୍କିମ ଯେଉଁଠାରେ ଠକମାନେ ଉଭୟ ଗ୍ରାହକ ଏବଂ ବିକ୍ରେତାଙ୍କୁ ଠକେଇ କରିଥାନ୍ତି। ପେମେଣ୍ଟ୍ ଗେଟୱେ ଠକେଇ ଦ୍ୱାରା ପେମେଣ୍ଟ ବିବରଣୀ ଏବଂ ପାଣ୍ଠି ଚୋରି କରିବା ପାଇଁ ଠକମାନେ ଅନଲାଇନ ପେମେଣ୍ଟ୍ ଗେଟୱେକୁ ଅପହରଣ କରନ୍ତି।

ଠକେଇ ମାମଲାରେ ଆମ ରାଜ୍ୟ ଓଡ଼ିଶା ମଧ୍ୟ ପଛରେ ନାହିଁ। ଆର୍ଥିକ ଠକେଇ କ୍ଷେତ୍ରରେ, ୨୦୨୪ ମସିହାରେ ଓଡ଼ିଶାରେ ୪୩,୭୪୦ଟି ମାମଲା ରେକର୍ଡ କରାଯାଇଛି, ଯାହାକି ୨୦୨୩ ମସିହା ତୁଳନାରେ ୧୪୨% ଅଧିକ। ପରିସଂଖ୍ୟାନ ଅନୁସାରେ ୨୦୨୩ ମସିହାରେ ୧୮,୦୮୧ଟି ମାମଲା ହୋଇଥିଲା। ଏହି ଠକେଇର ଆର୍ଥିକ ମୂଲ୍ୟ ୨୦୨୪ରେ ୪୧୫.୯୦ କୋଟି ଟଙ୍କା ଅତିକ୍ରମ କରିଛି, ଯାହା କି ୨୦୨୩ରେ ୭୯.୬୬ କୋଟି ଟଙ୍କା ତୁଳନାରେ ୪୦୦% ଅଧିକ। ସାଇବର୍ ଠକେଇ କ୍ଷେତ୍ରରେ, ୨୦୨୧ରୁ ୨୦୨୩ ମଧ୍ୟରେ ଓଡ଼ିଶାରେ ସାଇବର ଠକମାନେ ଠକାମିର ଶିକାର ହୋଇଥିବା ଲୋକଙ୍କଠାରୁ ବେଆଇନ ଭାବେ ୧୨୫ କୋଟିରୁ ଅଧିକ ଟଙ୍କା ଆଦାୟ କରିଛନ୍ତି। ତେବେ ଏହି ପାଣ୍ଠିର ମାତ୍ର ୨% ମାନେ ପ୍ରାୟ ୨.୭୭ କୋଟି ଟଙ୍କା ଆଦାୟ କରାଯାଇ ପୀଡ଼ିତଙ୍କୁ ଫେରାଯାଇଛି। ୨୦୧୯ ମସିହାରୁ ୨୦୨୪ ମସିହା ନଭେମ୍ବର ମାସ ସୁଦ୍ଧା ରାଜ୍ୟରେ ୭୬୯ଟି ମାମଲା ସାମ୍ନାକୁ ଆସିଥିବା ବେଳେ ୫୯,୦୦୦ରୁ ଅଧିକ ଲୋକ ଠକାମିର ଶିକାର ହୋଇ ପ୍ରଭାବିତ ହୋଇଛନ୍ତି। ଏହାସହିତ, କଟକ-ଭୁବନେଶ୍ୱର ଅଞ୍ଚଳକୁ ଅନ୍ତର୍ଭୁକ୍ତ କରି କମିସନରେଟ୍ ପୁଲିସ ୨୦୨୪ରେ ୭୨୬୩ଟି ସାଇବର ଅପରାଧ ମାମଲା ରୁଜୁ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୬୫୩ ଜଣ ଆର୍ଥିକ ଠକେଇ ସହ ଜଡ଼ିତ ଥିବା ବେଳେ ଠକମାନେ, ପ୍ରାୟ ୮୨.୫୩ କୋଟି ଟଙ୍କା ଲୋକଙ୍କଠାରୁ ଠକିଛନ୍ତି। ଏଭଳି ଭାବେ ବଢୁଥିବା ସାଇବର ଅପରାଧର ମୁକାବିଲା ପାଇଁ ଓଡ଼ିଶା ସରକାର ୨୦୨୩ ମସିହା ସେପ୍ଟେମ୍ବର ୫ ତାରିଖରେ ଭୁବନେଶ୍ୱର କ୍ରାଇମବ୍ରାଞ୍ଚ ଅଧୀନରେ ଏକ ସ୍ୱତନ୍ତ୍ର ସାଇବର କ୍ରାଇମ ୟୁନିଟ୍ ପ୍ରତିଷ୍ଠା କରିଥିଲା। ଏଟିଏମ୍ ଓ ଅନ୍-ଲାଇନ୍ ବ୍ୟାଙ୍କିଙ୍ଗ୍ ଠକେଇ ସମେତ ପରିଚୟ ଚୋରି, ହ୍ୟାକିଂ, ଫିସିଂ ଓ ଆର୍ଥିକ ଠକେଇର ତଦନ୍ତ ଉପରେ ଏହି ୟୁନିଟ୍ କାର୍ଯ୍ୟ କରୁଥିଲା। ବିଭିନ୍ନ ପ୍ରୟାସ ସତ୍ତ୍ୱେ ଓଡିଶାରେ ଠକେଇ ମାମଲାରେ ଉଲ୍ଲେଖନୀୟ ହ୍ରାସ ନହେବା କାରଣରୁ ଠକେଇର ପ୍ରଭାବଶାଳୀ ମୁକାବିଲା ପାଇଁ ପ୍ରତିଷେଧକ ବ୍ୟବସ୍ଥା, ଜନସଚେତନତା ଏବଂ ଉନ୍ନତ ପୁନରୁଦ୍ଧାର ବ୍ୟବସ୍ଥାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି। ଦେଶ ହେଉ ଅବା ରାଜ୍ୟ, ସବୁଠି ଠକାମିର ଶିକାର ହେଉଛନ୍ତି କୋଟି କୋଟି ଜନତା। ଠକେଇ କରିବା ପାଇଁ ଠକମାନେ ବ୍ୟବହାର କରୁଥିବା ଆଧୁନିକ କୌଶଳ, ଏବଂ ନୂଆ ନୂଆ ଟେକ୍ନୋଲଜିର ଆବିଷ୍କାରକୁ ଜାଣିବା ଓ ତାର ପ୍ରତିକାର ସ୍ୱରୂପ ଲୋକଙ୍କୁ ଠକାମିରୁ ବଞ୍ଚାଇବା ନିମନ୍ତେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ସଚେତନ ହେବା ଆବଶ୍ୟକ।

FOR EXCLUSIVE WEDDING CARDS

ବନ୍ଧନ ® ସୁ-ସମ୍ପର୍କ ଗଢେ

ବାହାଘର, ବ୍ରତଘର କିମ୍ବା କୌଣସି ଉତ୍ସବର ସମ୍ଭାର
ନିମନ୍ତ୍ରଣ ପତ୍ର ପାଇଁ ଅଛି ଆମ ବନ୍ଧନ ପରିବାର

Bandhan ® ସୁ-ସମ୍ପର୍କ ଗଢେ

WE HAVE NO BRANCH

8260685257 www.bandhancards.com 0674-2310196

# ପାଣ୍ଡା

## ଜୀବଜଗତ

ବିଶାଳକାୟ ପାଣ୍ଡା (Panda bearcat) ର ମାଲିକାନା ସ୍ୱତ୍ତ୍ୱ, କେବଳ ଚାଇନା ପାଖରେ ରହିଛି । ଚାଇନା ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କୁ ସର୍ତ୍ତମୂଳକ ଭାବେ, ପାଣ୍ଡା ଯୋଗାଣ କରିଥାଏ । ଏପରିକି, ପାଣ୍ଡାର ଜନ୍ମିତ ଶାବକ ଉପରେ ମଧ ଚାଇନାର ଅଧିକାର ଥାଏ । ୨୦୨୦ ମସିହା ଗଣନା ଅନୁଯାୟୀ ସାରା ଦୁନିଆରେ ମାତ୍ର ୧୮୬୪ ଟି ପାଣ୍ଡା, ପ୍ରାକୃତିକ ପରିବେଶ ରେ ବଞ୍ଚିଛନ୍ତି । ଏହା ବ୍ୟତୀତ ବିଶ୍ୱର ବିଭିନ୍ନ ଚିଡିଆଖାନାରେ ୪୦୦ ପାଣ୍ଡା



ଅଛନ୍ତି ଯାହାର ସମସ୍ତ ମାଲିକାନା ସ୍ୱତ୍ତ୍ୱ କେବଳ ଚାଇନା ପାଖରେ ରହିଛି । ମେକ୍ସିକୋ ସିଟିରେ ଥିବା କେବଳ ୨ ଟି ପାଣ୍ଡା ଉପରେ ଚାଇନାର ଅଧିକାର ନାହିଁ ।

ଦୁଷ୍ଟଆତ୍ମାର ପ୍ରଭାବ ଓ ପ୍ରାକୃତିକ ବିପତ୍ତିରୁ ବର୍ତ୍ତିବା ପାଇଁ ପାଣ୍ଡା ସହାୟକ ହୁଏ ବୋଲି ଚାଇନାବାସୀ ବିଶ୍ୱାସ କରନ୍ତି । ସାହସ ଓ ବୀରତ୍ୱର ପ୍ରତୀକଭାବେ ସେମାନେ ପାଣ୍ଡାକୁ ଗୁରୁତ୍ୱ ଦେଇଥାନ୍ତି । ଦେଖିବାକୁ ସୁନ୍ଦର ଶାନ୍ତ ଅଥଚ ଅଳସୁଆ ସ୍ୱଭାବର ଏହି ବିଶାଳକୃତି ଜୀବକୁ ଚାଇନାର ଜାତୀୟ ପଶୁର ମାନ୍ୟତା ମିଳିଛି । ଚିତ୍ରରେ ଦେଖାଯାଉଥିବା ପାଣ୍ଡା ଖୁବ ସୁନ୍ଦର ଓ କୌତୂକିଆ ଦେଖାଯାଉଥିବା ବେଳେ ବାସ୍ତବରେ ସେମାନେ ୫ ଫୁଟ ପର୍ଯ୍ୟନ୍ତ ବଢ଼ିଥାନ୍ତି ଏବଂ ଗୋଟାଏ ବୟସ୍କ ପାଣ୍ଡାର ଓଜନ ୪୫ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ । ଚିଡିଆଖାନାରେ ରହୁଥିବା ପାଣ୍ଡାମାନେ ୧୫୦ କେଜି ପର୍ଯ୍ୟନ୍ତ ବଢିଥାନ୍ତି । ରେଡ଼ପାଣ୍ଡା, ବିୟର କ୍ୟାଟ ପ୍ରଜାତିର ଅନ୍ତର୍ଭୁକ୍ତ ନୁହେଁ ।

ସାଧାରଣତଃ ଦୁଇ ପ୍ରକାର ପାଣ୍ଡା ଦେଖିବାକୁ ମିଳନ୍ତି । ସିଚୁଆନ ପାଣ୍ଡା ଓ କ୍ୟୁନଲିଙ୍ଗ ପାଣ୍ଡା । ସିଚୁଆନ ପାଣ୍ଡା ର ମୁଖମଣ୍ଡଳର ଗଠନ ଦେଖିବାକୁ ଭାଲୁପରି । କ୍ୟୁନଲିଙ୍ଗ ପାଣ୍ଡା ଖପୁରୀ ଅପେକ୍ଷାକୃତ ଛୋଟ, ଦେଖି ବାକୁ ବିରାଡ଼ି ପରି କିନ୍ତୁ ଏମାନଙ୍କ ଦାନ୍ତ ଅପେକ୍ଷାକୃତ ବଡ । ଏମାନେ ସବୁବେଳେ ଅଲଗା ଅଲଗା ଭାବେ ନିଜ ନିଜର କ୍ଷେତ୍ର ଚୟନ କରିଥାନ୍ତି । କ୍ୟୁନଲିଙ୍ଗ ପାଣ୍ଡାଙ୍କ ସଂଖ୍ୟା ସ୍ୱଳ୍ପ ଓ ମୋଟ ପାଣ୍ଡାସଂଖ୍ୟାର ମାତ୍ର ୧୮ପ୍ରତିଶତରେ ସୀମିତ ।

ପାଣ୍ଡାର କଳା ଓ ଧଳା ରଙ୍ଗର ବାହ୍ୟ ଆବରଣ ଏମାନଙ୍କର ଛଦ୍ମାବରଣ ଭାବେ କାମକରେ । ଏମାନେ ଖାଦ୍ୟ ସଂଗ୍ରହ ପାଇଁ ସାଧାରଣତଃ ତୁଷାରପାତ ହେଉନଥିବା ପାର୍ବତ୍ୟ ଅଞ୍ଚଳ ଓ ବର୍ଷା-ବଣରେ ଥିବା ଘଞ୍ଚ ବାଉଁଶ ଜଙ୍ଗଲ ଉପରେ ନିର୍ଭର କରନ୍ତି । ଉଭୟ ପରିବେଶରେ ଏମାନଙ୍କ କଳାଧଳା ରଙ୍ଗ ପ୍ରାକୃତିକ ଭାବେ ମିଶିଯାଏ । ଭାଲୁ ପ୍ରଜାତିର ଏହି ଜୀବଟିର ପ୍ରାୟତଃ କେହି ଶତ୍ରୁ ନଥାନ୍ତି । ତେବେ ପ୍ରଜନନ ଗତ ଶିଥିଳତା ଯୋଗୁଁ ଏହି ସୁନ୍ଦର ପ୍ରଜାତିର ପଶୁଟି ବର୍ତ୍ତମାନ ବିଲୁପ୍ତିର ଦ୍ୱାରଦେଶରେ ।

ଦେଖିବାକୁ ଅତ୍ୟନ୍ତ ଶାନ୍ତ ସ୍ୱଭାବର ଏହି ପ୍ରାଣୀଟି ଅସମ୍ଭବ ଭାବେ ପେଟୁ ଓ ଅଳସୁଆ । ବାଉଁଶ ଏମାନଙ୍କର ପ୍ରିୟ ଓ ମୁଖ୍ୟ ଖାଦ୍ୟ । ଗଜା ବାଉଁଶର କଅଁଳିଆ ଅଗ୍ରଭାଗ ଏମାନଙ୍କର ପ୍ରିୟଖାଦ୍ୟ । ଏମାନେ ଦିନକୁ ୧୨ଘଣ୍ଟା ଖାଦ୍ୟ ସଂଗ୍ରହରେ ବ୍ୟସ୍ତ ରହନ୍ତି ଓ ଅବଶିଷ୍ଟ ସମୟ ଶୋଇ ରହନ୍ତି । ଏପରିକି ବେଳେବେଳେ ଖାଦ୍ୟ ସଂଗ୍ରହ ବେଳେ ମଧ ନିଘୋଡ଼ ନିଦରେ ଶୋଇ ଯାଆନ୍ତି । ଏମାନେ ଦିନକୁ ପ୍ରାୟ ୧୨ କିଲୋଗ୍ରାମ ରୁ ୩୮ କିଲୋଗ୍ରାମ ବାଉଁଶ ଖାଦ୍ୟ ଆକାରରେ ଗ୍ରହଣ କରନ୍ତି । ସେମାନେ ପ୍ରତି ୧୫ -୨୦ ମିନିଟ ବ୍ୟବଧାନରେ ମଳ ତ୍ୟାଗ କରନ୍ତି । ସଂପୂର୍ଣ୍ଣ ହଜମ ହୋଇପାରୁ ନଥିବା ପ୍ରାୟ ୨୮ କିଲୋଗ୍ରାମ ଖାଦ୍ୟକୁ ସେମାନେ ପ୍ରତିଦିନ ମଳ ଆକାରରେ ନିଷ୍କାସନ କରିଥାନ୍ତି । ଏମାନଙ୍କ ମଳରୁ କୌଣସି ଦୁର୍ଗନ୍ଧ ଆସି ନଥାଏ ।

ବସନ୍ତଋତୁରେ ସାଧାରଣତଃ ମାର୍ଚ୍ଚରୁ ମେ ମାସରେ କେବଳ ଦୁଇତିନି ଦିନ ପାଇଁ ଏମାନଙ୍କ ମିଳନଋତୁ ଅନୁଷ୍ଠିତ ହୋଇଥାଏ । ପ୍ରଥମେ ମାତା ପାଣ୍ଡା ଗାଈପରି ଏକ ହମ୍ବା ରଡି ଦେଇଥାଏ ଯାହାକି ପୁରୁଷ ପାଣ୍ଡାକୁ ଆକର୍ଷିତ କରେ ଓ ସେ ସମ୍ମତିସୂଚକ ସ୍ୱର ପ୍ରଦାନକରେ । ପାଣ୍ଡାର ଗର୍ଭଧାରଣ ସମୟ ୫ ମାସ ଓ ଏକାଥରକେ ମାତ୍ର ଗୋଟିଏ ଛୁଆ ଜନ୍ମ ଦେଇଥାଏ । କାଭାଁ ପାଣ୍ଡା ଜାଆଁଳା ଶାବକ ଜନ୍ମ ହୁଅନ୍ତି । ଛୁଆମାନେ ବର୍ଷକ ପର୍ଯ୍ୟନ୍ତ ଖାଦ୍ୟ ସଂଗ୍ରହରେ ସ୍ୱାବଲମ୍ବୀ ହେବା ପର୍ଯ୍ୟନ୍ତ ମାବାପାଙ୍କ ଉପରେ ନିର୍ଭର କରନ୍ତି ।

ଦେଢ଼ବର୍ଷ ପରେ ମା ପୁନର୍ବାର ଗର୍ଭବତୀ ହେଲେ ଛୁଆ ,ମା କୁ ଛାଡ଼ି ସ୍ୱତନ୍ତ୍ର ଭାବେ ରହେ । ଯାଆଁଳା ଶାବକ କ୍ଷେତ୍ରରେ ମା କେବଳ ସୁସ୍ଥ ସବଳ ଛୁଆକୁ ଖାଇବାକୁ ଦିଏ ଯାହା ଫଳରେ ଅନ୍ୟଟିର ମୃତ୍ୟୁ ଘଟେ । ଜନ୍ମବେଳେ ସବୁ ଛୁଆ 'ଫିମେଲ' ଅବସ୍ଥାରେ ଜନ୍ମ ହୋଇଥାନ୍ତି । ପ୍ରକୃତିର ବୈଚିତ୍ର ଅନୁସାରେ ଜନ୍ମର ୪୮ ଘଣ୍ଟା ଭିତରେ କେତେକ ଛୁଆ ସ୍ତ୍ରୀ ରୁ ପୁରୁଷ ପରିବର୍ତ୍ତିତ ହୁଅନ୍ତି । ଏହା ଅତ୍ୟଧିକ ଭୟ ଜନିତ କାରଣ ଯୋଗୁଁ ହୋଇଥାଏ ବୋଲି ବୈଜ୍ଞାନିକ ମାନେ କହିଥାନ୍ତି । ଚିଡିଆଖାନା ମାନଙ୍କରେ ପାଣ୍ଡା ଛୁଆର ଲିଙ୍ଗ ପରିବର୍ତ୍ତନ ପାଇଁ ସ୍ୱତନ୍ତ୍ର ସୁବିଧା ଥାଏ ।

ପାଣ୍ଡା ଛୁଆ ଜନ୍ମବେଳକୁ ମାତ୍ର ୧୦୦ ଗ୍ରାମର ହୋଇଥାଏ ଏମାନେ ଗୋଲାପୀ ରଙ୍ଗର ଓ ଲୋମ ଶୂନ୍ୟ ଅବସ୍ଥାରେ ଜନ୍ମ ହୁଅନ୍ତି ଓ ସେମାନଙ୍କ ଦୃଷ୍ଟିଶକ୍ତି ନଥାଏ । କ୍ରମଶଃ ସେମାନଙ୍କର ଆଖି ଫିଟେ ଓ ଗୋଲାପି ରଙ୍ଗରୁ କଳା ଧଳା, ଖଇରିଆ କିମ୍ବା ଲାଲରଙ୍ଗ ର ହୋଇଥାଆନ୍ତି । ପାଣ୍ଡା ୭ ମାସରୁ ଗଛ ଚଢିବା ଓ ପହଁରିବା ଶିଖନ୍ତି । ତେବେ ଅଧିକାଂଶ ସମୟରେ ଏମାନେ ମା ପିଠି ଉପରେ ବସି ଯାତାୟାତ କରନ୍ତି । କେତେକ ପ୍ରଜାତି ଦୁଇଗୋଡରେ ଠିଆ ହୋଇ ପାରୁଥିବାବେଳେ ଆଉ କେତେକ ଠିଆ ହୋଇ ପାରନ୍ତି ନାହିଁ ।

ପାଣ୍ଡାମାନେ ଅତ୍ୟଧିକ ଥଣ୍ଡା ଓ ତୁଷାରପାତ ରେ ବଞ୍ଚିବାରେ ଅଭ୍ୟସ୍ତ । ବାଉଁଶଜାତୀୟ ଖାଦ୍ୟ ଏମାନଙ୍କୁ ଅପର୍ଯ୍ୟାପ୍ତ ଫ୍ୟାଟ ଯୋଗାଉଥିବାରୁ ଏମାନଙ୍କ ଶୀତନିଦ୍ରା ମଧ ଆବଶ୍ୟକ ହୋଇନଥାଏ । ପ୍ରବଳ ତୁଷାରପାତ ସମୟରେ ମଧ ଏମାନେ ସ୍ୱାଭାବିକ ଭାବେ ଚଳପ୍ରଚଳ ହୁଅନ୍ତି । ପାଣ୍ଡା ମାନଙ୍କର ଛ ଟି ଆଙ୍ଗୁଠି ଓ ତୀକ୍ଷ୍ଣ ନଖଥାଏ । ମଣିଷ ପରି ଶକ୍ତ ବୁଢ଼ା ଆଙ୍ଗୁଠିରେ ଏମାନଙ୍କୁ ଗଛ ଚଢ଼ିବାକୁ ସହଜ ହୁଏ । ସୁରକ୍ଷା ଦୃଷ୍ଟିରୁ ଏମାନେ ଉଚ୍ଚ ଓ ଝଙ୍କାଳିଆ ସ୍ଥାନ ଦେଖି ବିଶ୍ରାମ ନିଅନ୍ତି । ଏମାନେ ପ୍ରତିଯୋଗିତା ଭିତ୍ତିରେ ଗଛର ଉଚ୍ଚ ସ୍ଥାନକୁ ଚଢ଼ନ୍ତି ଓ ନିଜର ପରିସ୍ରା ଓ ଗଣ୍ଠିରୁ ନିର୍ଗତ ଏକ ବାସ୍ନାଯୁକ୍ତ ପଦାର୍ଥରେ ନିଜର କ୍ଷେତ୍ର ନିରୂପିତ କରନ୍ତି ।

ପାଣ୍ଡା ପ୍ରାକୃତିକ ପରିବେଶରେ ୧୮ ରୁ ୨୦ ବର୍ଷ ବଞ୍ଚିଥାଏ । ତେବେ ଏମାନେ ଚିଡିଆଖାନା ମାନଙ୍କରେ ୨୫ ରୁ ୩୦ ବର୍ଷ ବଞ୍ଚିଥାନ୍ତି । ସବୁଠାରୁ ଅଧିକ କାଳ ବଞ୍ଚିବା ରେକର୍ଡ ଚାଇନାର ବିଶାଳକାୟ ପାଣ୍ଡା 'ନ୍ୟୁ ଷ୍ଟାର' ନାମରେ ରହିଛି । ସେ ଚାଙ୍ଗକିଙ୍ଗ ଚିଡିଆଖାନା ରେ ଜନ୍ମହୋଇ (୧୯୮୨-୨୦୨୦)୪୫ବର୍ଷ ବଞ୍ଚିଥିଲା । ପାଣ୍ଡା ଏକୁଟିଆ ରହିବାକୁ ଭଲପାଏ । ଖାଦ୍ୟ ରୂପେ ଏହା ୯୯ ପ୍ରତିଶତ ବାଉଁଶକୁ ବ୍ୟବହାର କରିଥାଏ । ବେଳେ ବେଳେ ଏହା ଫଳ ଓ ଅନ୍ୟ ଗଛର ପତ୍ର ମଧ ଖାଇଥାଏ ।ଏମାନେ ଶାକାହାରୀ ଜୀବ ହେଲେବି ଏମାନଙ୍କ ଦାନ୍ତ ର ଗଠନ ମାଶାଂସୀ ପ୍ରାଣୀ ଭଳି ହୋଇଥାଏ ।

ଏହି ବିରଳ ପ୍ରଜାତିର ପଶୁଟିର ମାଲିକାନା ସ୍ୱତ୍ତ୍ୱ କେବଳ ଚାଇନା ପାଖରେ ଥିବାରୁ , ଅନ୍ୟ ଦେଶକୁ ପାଣ୍ଡା ଦେବାକୁ ଚାଇନା ଅନେକ ସର୍ତ୍ତ ରଖିଥାଏ । ତେବେ ଚାଇନା ଦେଶଟି ବାଘଶୂନ୍ୟ । ୧୯୫୦ ମସିହାବେଳକୁ ଚାଇନାରେ ପ୍ରାୟ ୪୦୦୦ ବାଘ ଥିଲେ । ପରିବେଶ ଅବକ୍ଷୟ ଓ ଅବାଧ ଶିକାରଯୋଗୁଁ ବାଘମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇଲା । ନବେ ଦଶକ ବେଳକୁ, ଏକ ଅଜଣା ରୋଗରେ ସମସ୍ତ ବାଘ ମାନଙ୍କର ମୃତ୍ୟୁହେଲା । ବଞ୍ଚିଯାଇଥିବା ଏକମାତ୍ର ବାଘକୁ, ଜନୈକ ବ୍ୟକ୍ତି ମାରି ଖାଇଦେବାରୁ ତାକୁ ୧୨ ବର୍ଷ ଜେଲଦଣ୍ଡ ହୋଇଥିଲା ।



କାର୍ତ୍ତିକ ଚନ୍ଦ୍ର ପଣ୍ଡା
ଭୁବନେଶ୍ୱର
ମୋବାଇଲ୍ - ୭୯୭୮୪୨୦୪୯୩

## କେଶ, ଚର୍ମ ପାଇଁ ଅଁଳା

ଥଣ୍ଡା ଦିନରେ ଅଁଳା ବହୁତ ଖିଆଯାଏ । ସବୁଜ ରଙ୍ଗର ଏହି ଫଳ ସ୍ୱାଦରେ ଖଟା ହୋଇଥାଏ । ଏହାକୁ ଲୋକମାନେ ଅନେକ ଉପାୟରେ ଖାଇଥା'ନ୍ତି ଯେପରିକି ଆଚାର, ଚଟଣୀ ଏବଂ କ୍ୟାଣ୍ଡି । ଏହା ଦୃଷ୍ଟିଶକ୍ତି, ଚର୍ମ ଏବଂ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ୍ ସି ପ୍ରଚୁର ପରିମାଣରେ ମିଳିଥାଏ । ଏହା ରକ୍ତ ସଫା କରିବାରେ ମଧ ସାହାଯ୍ୟ କରିଥାଏ । କିନ୍ତୁ ଏପରି କିଛି ରୋଗ ଅଛି ଯେଉଁଥିରେ ଅଁଳାକୁ ଆଦୌ ଖାଇବା ଉଚିତ୍ ନୁହେଁ । ଯଦି ଆପଣଙ୍କର କୌଣସି ପ୍ରକାରର ସର୍ଜରୀ ହେବାର ଥାଏ, ତେବେ ଏହାକୁ ଦୁଇ ସପ୍ତାହ ପୂର୍ବରୁ ଖାଇବା ବନ୍ଦ କରିଦେବା ଉଚିତ୍ । ଅନ୍ୟଥା ଏହା ଦ୍ୱାରା ବ୍ଲିଡିଂର ବିପଦ ଅଧିକ ବଢିଯାଏ । ଯେଉଁମାନେ କିଡ୍ନୀ ରୋଗରେ ପୀଡିତ, ସେମାନେ ଏହାକୁ ଆଦୌ ଖାଇବା ଉଚିତ୍ ନୁହେଁ । କାରଣ ଏହାକୁ ଖାଇବା ଦ୍ୱାରା ଶରୀରରେ ସୋଡିୟମ୍ ପରିମାଣ ବଢିଥାଏ । ଯାହା କିଡ୍ନୀ ପାଇଁ ଭଲ ହୋଇନଥାଏ । ଯଦି ଆପଣ ଲୋ ବ୍ଲଡ୍ସୁଗାର ସହିତ ସଂଘର୍ଷ କରୁଛନ୍ତି, ତେବେ ଏହାକୁ ଖାଆନ୍ତୁ ନାହିଁ କାରଣ ଏହା ଆପଣଙ୍କ ସୁଗାର ଉପରେ ଖରାପ ପ୍ରଭାବ ପକାଇଥାଏ । ଏଥି ସହିତ, ଯେଉଁମାନେ ଆଣ୍ଟିବାୟୋଟିକ୍ ଖାଉଛନ୍ତି ସେମାନେ ମଧ ଏହାକୁ ଖାଇବା ଠାରୁ ଦୂରେଇ ରହିବା ଉଚିତ୍ ।



ଆପଣଙ୍କ ଅଭିଯୋଗ, ସମସ୍ୟା, ମତାମତ କୁ ପ୍ରମାଣ ସହ ପଠାନ୍ତୁ । ବିଶେଷ ପୃଷ୍ଠା ନିମନ୍ତେ ଆର୍ଟିକଲ(ଆଲେଖ୍ୟ) ବି ପଠାଇ ପାରିବେ ।

ମୋବାଇଲ (ହ୍ୱାଟସ୍ଆପ) : ୬୩୭୧୪୧୭୩୬୧
ଇମେଲ: voiceofvictimsnews@gmail.com
ମୁଖ୍ୟ ସମ୍ପାଦକ: କୈଳାସ ଚନ୍ଦ୍ର ଶତପଥୀ
ମୁଖ୍ୟ ପ୍ରତିନିଧି : ରଣଜିତ୍ ପଟ୍ଟନାୟକ

## ଓଜନ ହ୍ରାସ ପାଇଁ ସର୍ବୋତ୍ତମ ଫଳ

ମେଦବହୁଳତା ଏକ ରୋଗ ହୋଇନଥିଲେ ମଧ ଏହାକୁ ଅନେକର ରୋଗର ବାହାକ ରୂପେ ବିବେଚନା କରାଯାଉଛି । ଏହା ସହିତ ବର୍ତ୍ତମାନର ଯୁବପିଢି ଏକ ଆକର୍ଷଣୀୟ ଫିଟନେସ୍ ପାଇଁ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି । ଯଦି ଆପଣ ମଧ ମେଦବହୁଳତାକୁ ନେଇ ଚିନ୍ତାରେ ଅଛନ୍ତି, ତେବେ ଗ୍ରୀଷ୍ମଋତୁ ଲାଭ ଦେଇପାରେ । କାରଣ ଗ୍ରୀଷ୍ମଋତୁରେ ମିଳୁଥିବା କେତେକ ଫଳ ରହିଛି, ଯାହା ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ । କଣ ସେହି ସବୁ ଫଳ, ଜାଣନ୍ତୁ...



**ତରଭୁଜ:** ଗ୍ରୀଷ୍ମଋତୁରେ ତରଭୁଜ ପ୍ରଚୁର ପରିମାଣରେ ମିଳିଥାଏ । ଏହାକୁ ଡାଏଟରେ ଅନ୍ତର୍ଭୁକ୍ତ କରନ୍ତୁ । ତରଭୁଜ ମେଦବହୁଳତା ହ୍ରାସ କରିବାରେ ବେଶ୍ ଲାଭଦାୟକ । କାରଣ ଏଥିରେ ଫାଇବର ଭରପୂର ଥାଏ । ଏହା ପେଟକୁ ପୂର୍ଣ୍ଣ ରଖିଥାଏ, ଯାହା ଫଳରେ ଭୋକ ଲାଗିନଥାଏ ଏବଂ ଏଥିରେ କ୍ୟାଲୋରୀ ମଧ କମ୍ ଥାଏ । ତରଭୁଜରେ ଥିବା ଜଳୀୟଅଂଶ ଶରୀରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହାଇଡ୍ରେଟ୍ ରଖେ । ତରଭୁଜ ଖାଇବାର ଆଉ ଏକ ମୁଖ୍ୟ ଉପକାର ହେଉଛି, ଏହା ଜଙ୍କ ଫୁଡ୍ ଆଦି ଖାଦ୍ୟ ଲୋଭକୁ ଦୂର କରିଥାଏ ।

**ଅମୃତଭଣ୍ଡା:** ଓଜନ ହ୍ରାସ କରିବାକୁ ଚାହୁଁଥିଲେ ନିଶ୍ଚିତରୂପେ ଖାଦ୍ୟରେ ଅମୃତଭଣ୍ଡାକୁ ଅନ୍ତର୍ଭୁକ୍ତ କରନ୍ତୁ । କାରଣ ଅମୃତଭଣ୍ଡାରୁ ମିଳୁଥିବା ପୋଷକ ତତ୍ତ୍ୱ ଓଜନ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ । ଅମୃତଭଣ୍ଡା ଖାଇବା ଦ୍ୱାରା ଶରୀରକୁ ଅଧିକ ଫାଇବର ଏବଂ କମ୍ କ୍ୟାଲୋରୀ ମିଳିଥାଏ । ପେଟ ଫୁଲିବା ସମସ୍ୟାକୁ ଦୂର କରି ହଜମ ପ୍ରକ୍ରିୟାରେ ଉନ୍ନତି ଆଣିଥାଏ ଅମୃତଭଣ୍ଡା ।

**କିୱି :** କିୱି ଗ୍ରୀଷ୍ମଋତୁରେ ପ୍ରଚୁର ପରିମାଣରେ ଉପଲବ୍ଧ । ଭିଟାମିନ୍-ସିରେ ଭରପୂର କିୱି ମଧ ମେଦବହୁଳତା ହ୍ରାସ କରିବାରେ ସହାୟକ ହୋଇଥାଏ । କିୱିରେ ଭିଟାମିନ୍-କେ, ଫୋଲେଟ୍ ଏବଂ ଫାଇବର ଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଏକ ଗବେଷଣାରୁ ଜଣାପଡିଛି ଯେ, ଯେଉଁମାନେ ନିୟମିତ ଭାବେ କିୱି ଖାଉଛନ୍ତି, ସେମାନଙ୍କର ରକ୍ତଚାପ ନିୟନ୍ତ୍ରଣରେ ରହୁଛି ।

**କାକୁଡି:** ଗ୍ରୀଷ୍ମଋତୁରେ ମିଳୁଥିବା ଉପକାରୀ ଫଳ ମଧରୁ କାକୁଡି ଅନ୍ୟତମ । ଏହାକୁ ଖାଇବା ଫଳରେ ପେଟ ପୂର୍ଣ୍ଣ ରହିଥାଏ ଏବଂ ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ । କାକୁଡି ଖାଇଲେ ମଧ ଡିହାଇଡ୍ରେସନ ହୋଇନଥାଏ ।

# କୁମ୍ଭମେଳା ଦେଶର ଜାଗ୍ରତ ଭାବନାର ପ୍ରତୀକ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,(ଭିଓଭି): ଉତ୍ତରପ୍ରଦେଶର ପ୍ରୟାଗରାଜରେ ଆୟୋଜିତ କୁମ୍ଭମେଳାର ସଫଳ ସମାପନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଲୋକସଭାରେ ଉଦବୋଧନ ଦେଇଥିଲେ। ଯେଉଁ ଅଗଣିତ ନାଗରିକଙ୍କ ଉଦ୍ୟମରେ କୁମ୍ଭମେଳାର ଭବ୍ୟ ସଫଳତା ମିଳିଥିଲା ସେମାନଙ୍କୁ ସେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ମହାକୁମ୍ଭକୁ ସଫଳ କରିବାରେ ବିଭିନ୍ନ ବ୍ୟକ୍ତି ବିଶେଷ ଓ ଗୋଷ୍ଠୀର ସାମୂହିକ ଅବଦାନ ଉପରେ ଆଲୋକପାତ କରି ସେ ସରକାର, ସମାଜ ଏବଂ ଏଥିରେ ସମ୍ପୃକ୍ତ ସମସ୍ତ ଉତ୍ସର୍ଗୀକୃତ କର୍ମୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସମଗ୍ର ଦେଶରେ ଶ୍ରଦ୍ଧାଳୁ, ବିଶେଷ କରି ଉତ୍ତରପ୍ରଦେଶବାସୀ ଏବଂ ପ୍ରୟାଗରାଜ ବାସୀଙ୍କ ଅମୂଲ୍ୟ ସମର୍ଥନ ଏବଂ ଅଂଶଗ୍ରହଣ ପାଇଁ ଶ୍ରୀ ମୋଦୀ କୃତଜ୍ଞତା ଜ୍ଞାପନ କରିଥିଲେ। ସେ କୁମ୍ଭର ଭବ୍ୟ ଆୟୋଜନ



ପାଇଁ ଲୋକଙ୍କ ଅକ୍ଲାନ୍ତ ପ୍ରୟାସ ଉପରେ ଗୁରୁତ୍ୱ ଆରୋପ କରିଥିଲେ ଏବଂ ଏହାକୁ ଗଙ୍ଗାକୁ ପୃଥିବୀକୁ ଆଣିଥିବା ପୌରାଣିକ ଭାଗୀରଥ ସହିତ ତୁଳନା କରିଥିଲେ । ଲାଲକିଲ୍ଲାରୁ ଅଭିଭାଷଣ ଦେବା ସମୟରେ ସେ 'ସବକା ପ୍ରୟାସ'ର ମହତ୍ତ୍ୱ ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ କୁମ୍ଭମେଳା ବିଶ୍ୱକୁ ଭାରତର ଭବ୍ୟତାକୁ ପ୍ରଦର୍ଶିତ କରିଛି। ପ୍ରଧାନମନ୍ତ୍ରୀ କହିଥିଲେ, କୁମ୍ଭମେଳା ଲୋକଙ୍କ ଅତୁଟ ବିଶ୍ୱାସରୁ ପ୍ରେରିତ ସାମୂହିକ ସଂକଳ୍ପ, ଭକ୍ତି ଏବଂ ସମର୍ପଣର ପରିପ୍ରକାଶ। ପ୍ରଧାନମନ୍ତ୍ରୀ କୁମ୍ଭମେଳା ସମୟରେ ଦେଖାଯାଇଥିବା ଜାତୀୟ ଚେତନାର ଗଭୀର ଜାଗରଣ ଉପରେ ମନ୍ତବ୍ୟ ଦେଇଥିଲେ ଏବଂ ଏହି ଚେତନା କିପରି ଦେଶକୁ ନୂତନ ସଂକଳ୍ପ ଲାଗି ପ୍ରେରଣା ଦେଇଥାଏ ଏବଂ ତାହାକୁ ପୂରଣ କରିବାକୁ ପ୍ରେରଣା ଦେଇଥାଏ ସେ ବିଷୟରେ ଆଲୋକପାତ କରିଥିଲେ । କୁମ୍ଭମେଳା ଦେଶର ସାମର୍ଥ୍ୟକୁ ନେଇ କିଛି ଲୋକଙ୍କ ସନ୍ଦେହ ଓ ଭୟକୁ ଦୂର କରିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଦେଶର ବିକାଶ ଯାତ୍ରା ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଥିଲେ ଯେ ଗତବର୍ଷ ଅଯୋଧ୍ୟାରେ ହୋଇଥିବା ରାମ ମନ୍ଦିର ସମାରୋହ ଏବଂ ଚଳିତ ବର୍ଷ କୁମ୍ଭମେଳା ଏକ ସମାନତାକୁ ପ୍ରତିଫଳିତ କରୁଛି ଯାହା ଆଗାମୀ ସହସ୍ରାବ୍ଦ ପାଇଁ ଦେଶର ପ୍ରସ୍ତୁତିକୁ ସୁଦୃଢ଼ କରୁଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ରାଷ୍ଟ୍ରର ସାମୂହିକ ଚେତନା ଏହାର ବିପୁଳ ସମ୍ଭାବନାକୁ ପ୍ରତିଫଳିତ କରେ । ମାନବ ଇତିହାସ ଭଳି ଦେଶର ଇତିହାସର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଭବିଷ୍ୟତ ପିଢ଼ି ପାଇଁ ଉଦାହରଣ ସାଜିଛି ବୋଲି ସେ ଉଲ୍ଲେଖ କରିଥିଲେ। ସ୍ୱଦେଶୀ ଆନ୍ଦୋଳନ ସମୟରେ ଆଧ୍ୟାତ୍ମିକ ପୁନରୁଦ୍ଧାର, ଶିକାଗୋରେ ସ୍ୱାମୀ ବିବେକାନନ୍ଦଙ୍କ ଶକ୍ତିଶାଳୀ ଭାଷଣ ଏବଂ ଭାରତର ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ମୁହୂର୍ତ୍ତ ଯଥା ୧୮୫୭ ବିଦ୍ରୋହ, ଭଗତ ସିଂହଙ୍କ ସହିଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ 'ଦିଲ୍ଲୀ ଚଲୋ' ଆହ୍ୱାନ ଏବଂ ମହାତ୍ମା ଗାନ୍ଧୀଙ୍କ ଦାଣ୍ଡି ଯାତ୍ରା, ଯାହା ଦେଶକୁ ଜାଗ୍ରତ କରିଥିଲା ଏବଂ ଏକ ନୂତନ ଦିଗ ପ୍ରଦାନ କରିଥିଲା, ଉଦାହରଣ ଦେଇ ଶ୍ରୀ ମୋଦୀ ଭାରତର ଐତିହାସିକ ମାଇଲଖୁଣ୍ଟଗୁଡ଼ିକୁ ପ୍ରତିଫଳିତ କରିଥିଲେ। ପ୍ରୟାଗରାଜ କୁମ୍ଭ ମେଳା ମଧ୍ୟ ଏଭଳି ଏକ ମାଇଲଖୁଣ୍ଟ, ଯାହା ଦେଶର ଜାଗ୍ରତ ଭାବନାର ପ୍ରତୀକ ବୋଲି ସେ କହିଛନ୍ତି।

## ଗୋପାଳ ପ୍ରକୃତ ଦୋଷୀ ନୁହେଁ, ତାକୁ ବେଲ୍ ରେ ଛାଡ଼ : ତାରା

ଭୁବନେଶ୍ୱର,(ଭିଓଭି): ରାଜ୍ୟର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲା ଦିନକୁ ଦିନ ନୂଆମୋଡ଼ ନେଉଛି। ବୁଧବାର ତାଙ୍କ ପତ୍ନୀ ମୀନତି ଦାସ ଲୋକ ସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହାକୁ ନେଇ ରାଜନୀତି ସରଗରମ ରହିଥିବା ବେଳେ ଏବେ ସରକାରଙ୍କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଟାର୍ଗେଟ କରିଛନ୍ତି। ତାରା କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟରୁ ଲାଗୁଛି ଗୋପାଳ ପ୍ରକୃତ ଦୋଷୀ ନୁହନ୍ତି। ତା' ହେଲେ ଗୋପାଳକୁ ବେଲ୍‌ରେ ଛାଡ଼ନ୍ତୁ, ଏହା ପଛରେ କିଏ ଅଛି ତାକୁ ଧରନ୍ତୁ। ନବଙ୍କ ପରିବାରର କ୍ରାଇମବ୍ରାଞ୍ଚ ତଦନ୍ତ ଉପରେ ଭରସା ନାହିଁ। ଏଣୁ ସିବିଆଇ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ କହିଛନ୍ତି। କହିରଖୁଛୁ, ନବଙ୍କ ପତ୍ନୀ ମୀନତି ବୁଧବାର ସାରେ



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ହତ୍ୟାକାଣ୍ଡର ତଦନ୍ତ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ତାଙ୍କ ଝିଅ ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ପୁତ୍ର ବିଶାଳ ଦାସ ମଧ୍ୟ ଉପସ୍ଥିତ ଥିଲେ ।ଏହି ଭେଟ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେଉଁଭଳି ଭାବେ ଏହି ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବ ଦାସଙ୍କ ପରିବାର

ଭୁବନେଶ୍ୱର, (ଭିଓଭି) : ବହୁଚର୍ଚ୍ଚିତ ନବ ଦାସ ହତ୍ୟା ମାମଲାର ଗୁମର ଖୋଲିବାର ଆଶା ଦେଖାଯାଉଛି। କ୍ରାଇମ୍ ବ୍ରାଞ୍ଚର ସାନି ତଦନ୍ତ ଆରମ୍ଭ ହୋଇଥିବା ବେଳେ ସ୍ୱର୍ଗତଃ ନବ ଦାସଙ୍କ ପତ୍ନୀ ମୀନତି ଦାସ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଓ ମୀନତି ଦାସଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହି ଅବସରରେ ପୂର୍ବତନ ବିଧାୟକ ତଥା ଝିଅ ଦୀପାଳି ଦାସ ଓ ପୁଅ ବିଶାଳ ଦାସ ମଧ୍ୟ ଉପସ୍ଥିତ ଅଛନ୍ତି। ତେବେ ହତ୍ୟା ମାମଲାର ଦୁଇ ବର୍ଷ ପରେ ନବ ଦାସଙ୍କ ପରିବାର ଲୋକେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିବାରୁ ଘଟଣାର ତଦନ୍ତ ନେଇ ରାଜ୍ୟବାସୀ ଅନେକ ଆଶା ରଖିଛନ୍ତି।



୨୦୨୩ ଫେବ୍ରୁଆରି ୧୧ ତାରିଖରେ ନବ ଦାସଙ୍କ ପତ୍ନୀ ମୀନତି ଦାସ କ୍ରାଇମ୍ ବ୍ରାଞ୍ଚ ଆଗରେ କହିଥିଲେ ଯେ, ମୁଁ ସମ୍ବଲପୁରରେ ଥିବା ଆମର ବ୍ୟବସାୟ କଥା ବୁଝାବୁଝି କରୁଛି। ଏଥି ପାଇଁ ମୁଁ ସମ୍ବଲପୁରରେ ରହୁଛି। ଏତଦ୍ ବ୍ୟତୀତ ସରବାହାଲସ୍ଥିତ ଘରକୁ ଆସିକି ମାସରେ ୪/୫ ଦିନ ରହେ। ୨୦୨୩ ଜାନୁଆରି ୨୯ ତାରିଖରେ ଟିଭି ଦେଖି ଜାଣିଲି ଯେ, ମୋର ସ୍ୱାମୀଙ୍କୁ ବ୍ରଜରାଜନଗର ମ୍ୟୁନିସିପାଲିଟିର ଚ୍ୟାରମ୍ୟାନ୍ ଓ ଭାଇସ୍ ଚ୍ୟାରମ୍ୟାନ୍‌ଙ୍କର ଅଫିସ ରୁମ୍‌ର ଉଦ୍‌ଘାଟନ ପାଇଁ ଯିବା ସମୟରେ କେହି ଜଣେ ବ୍ୟକ୍ତି ଗୁଳି କରିଦେଇଛି। ପରେ ଜାଣିବାକୁ ପାଇଲି ଯେ, ମୋର ସ୍ୱାମୀଙ୍କୁ ଗାନ୍ଧୀ ଛକ ଫାଣ୍ଡି ଏଏସ୍‌ଆଇ ଗୋପାଳ ଦାସ ଗୁଳି କରିଛି। ମୁଁ ସଙ୍ଗେସଙ୍ଗେ ଝାରସୁଗୁଡ଼ା ଡାକ୍ତରଖାନାକୁ ଆସିଥିଲି। ସେଠାରୁ ମୋର ସ୍ୱାମୀଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଛି। ମୋର ସ୍ୱାମୀଙ୍କୁ ଯୋଜନାଭିତ୍ତିକ ହତ୍ୟା କରାଯାଇଛି। କାରଣ ଏହାର ଆଗରୁ ମୋତେ ମୋର ସ୍ୱାମୀ ତାଙ୍କର ବହୁତ ଶତ୍ରୁ ଅଛନ୍ତି ବୋଲି କହିଥିଲେ।

## ଡାକ୍ତର ଅଭାବ ସମସ୍ୟା ଦୂର କରିବେ ସରକାର

## ୫୮୨୨ ନୂଆ ଡାକ୍ତର ନିଯୁକ୍ତି ଯୋଜନା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର (ଭିଓଭି): ରାଜ୍ୟର ଡାକ୍ତରଖାନାଗୁଡ଼ିକରେ ଡାକ୍ତରଙ୍କ ଘୋର ଅଭାବ ମଧ୍ୟରେ, ସରକାର ୫,୮୨୨ ପଦବୀ ପାଇଁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବାକୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)କୁ ଅନୁରୋଧ କରିଛନ୍ତି ।ବ୍ରହ୍ମଗିରିର ବିଜେପି ବିଧାୟକ ଉପାସନା ମହାପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି ଯେ, ଅନୁମୋଦିତ ୧୯,୯୮୪ ଡାକ୍ତର ପଦବୀ ମଧ୍ୟରୁ ୬,୭୬୦ ପଦବୀ ଖାଲି ପଡ଼ିଛି ।ମନ୍ତ୍ରୀ କହିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଓପିଏସସି ଖୁବ୍ ଶୀଘ୍ର ୫,୮୨୨ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞାପନ ପ୍ରକାଶ କରିବ। ଏହି ନିଯୁକ୍ତି ଅଭିଯାନ ରାଜ୍ୟବ୍ୟାପୀ ଡାକ୍ତରଖାନାଗୁଡ଼ିକରେ ଡାକ୍ତର ଅଭାବ ଦୂର କରିବାରେ ସାହାଯ୍ୟ କରିବ।



## ଆୟୁର୍ବେଦିକ ମେଡିକାଲ କଲେଜ ମୟୂରଭଞ୍ଜ ଜିଲ୍ଲାରେ ପ୍ରତିଷ୍ଠା ହେବ : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, (ଭିଓଭି): ଓଡ଼ିଶାର ମୟୂରଭଞ୍ଜ ଜିଲାରେ ରାଜ୍ୟ ସରକାର ଏକ ଆୟୁର୍ବେଦିକ ମେଡିକାଲ କଲେଜ ସ୍ଥାପନ କରିବେ। ବୁଧବାର ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଏହା ପ୍ରକାଶ କରିଛନ୍ତି। "ଓଡିଶାର ମୟୂରଭଞ୍ଜ ଜିଲାରେ ଏକ ଆୟୁର୍ବେଦିକ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ରାଜ୍ୟ ସରକାର ଏ ସମ୍ପର୍କରେ ଆବଶ୍ୟକ ପଦକ୍ଷେପ ନେଉଥିବା ମନ୍ତ୍ରୀ ଗୃହରେ କହିଛନ୍ତି। ମନ୍ତ୍ରୀଙ୍କ ଅନୁଯାୟୀ, ଓଡ଼ିଶାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସରକାର ସୋମବାର ରାଜ୍ୟରେ ୫,୨୪୮ ଏମବିବିଏସ ଡାକ୍ତରଙ୍କ ନିଯୁକ୍ତି ପାଇଁ ଏକ ବିଜ୍ଞାପନ ଜାରି କରିଛନ୍ତି। ର୍ତ୍ତମାନ ରାଜ୍ୟରେ ୩୪,୦୦୦ ଶଯ୍ୟାର ଆବଶ୍ୟକତା ସତ୍ତ୍ୱେ ମୋଟ ୧୬,୯୧୮ ହସପିଟାଲ ଶଯ୍ୟା ଅଛି। ଆଗାମୀ ଦିନରେ ସରକାର ୧୭,୦୦୦ ନୂତନ ହସପିଟାଲ ଶଯ୍ୟା ବ୍ୟବସ୍ଥା କରିବେ, ମନ୍ତ୍ରୀ ପ୍ରକାଶ କରିଛନ୍ତି। "ରାଜ୍ୟର ପ୍ରତ୍ୟେକ ଜିଲାରେ ମେଡିକାଲ କଲେଜ ଖୋଲିବା ପାଇଁ ଓଡ଼ିଶା ସରକାର ପ୍ରତିବଦ୍ଧ। ଚଳିତ



ବର୍ଷ ଦୁଇଟି ନୂତନ ମେଡିକାଲ କଲେଜ ଖୋଲିବ ସେ କହିଛନ୍ତି।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ଅଧିନସ୍ଥ ପ୍ରକଳ୍ପକୁ 'ବିକଶିତ ଗାଆଁ ବିକଶିତ ଓଡ଼ିଶା' ଯୋଜନା ଅଧିନରେ ସମାପ୍ତ କରାଯିବ : ମନ୍ତ୍ରୀ

ଭୁବନେଶ୍ୱର (ଭିଓଭି) : 'ଆମ ଓଡ଼ିଶା ନବୀନ ଓଡ଼ିଶା' (ଏଓଏନଓ) ଯୋଜନା ଅଧୀନରେ ପ୍ରାୟ ୨୫,୦୦୦ ପ୍ରକଳ୍ପ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ ବୋଲି ମଙ୍ଗଳବାର ରାଜ୍ୟ ବିଧାନସଭାରେ ସରକାରଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଧାୟକ ବ୍ୟୋମକେଶ ରାୟଙ୍କ ଏକ ପ୍ରଶ୍ନର ଉତ୍ତର ଦେବା ସମୟରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଏହି ଯୋଜନା ଅଧୀନରେ ମୋଟ ୯୦.୬୨୪ ପ୍ରକଳ୍ପକୁ



ଅନୁମୋଦନ କରାଯାଇଛି ଏବଂ କାର୍ଯ୍ୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟ ଚାଲିଛି। ନିର୍ଦ୍ଦେଶାବଳୀ ଅନୁଯାୟୀ, 'ଆମ ଓଡ଼ିଶା ନବୀନ ଓଡ଼ିଶା'ଯୋଜନା ଅଧୀନରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକରେ ସର୍ବନିମ୍ନ ୨୦% ଖର୍ଚ୍ଚ ହୋଇଛି, ସେଗୁଡ଼ିକୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ପଦକ୍ଷେପ ଅଧୀନରେ ସମାପ୍ତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବ୍ଲକଗୁଡ଼ିକରୁ କୌଣସି ଅନୁମୋଦିତ ପ୍ରକଳ୍ପ ପ୍ରତ୍ୟାହାର କରାଯାଇ ନାହିଁ।

## ସଂ ପା ଦ କୀ ୟ

# କପି-ପେଷ୍ଟ ଜଗନ୍ନାଥ

ଆଧୁନିକ ଯୁଗରେ ସବୁ କିଛି ଏବେ ଡିଜିଟାଲ। ଜଣଙ୍କର ଦସ୍ତଖତ ଠାରୁ ଆରମ୍ଭ କରି ସବୁକିଛି ଏବେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ମାଧ୍ୟମରେ ଡିଜିଟାଲ ହେଇସାରିଲାଣି। ବୀମା କମ୍ପାନୀରେ ଚାକିରି କରୁଥିବାବେଳର ଏକ ଅଭୁଲା ତଥା ଡିଜିଟାଲ ଅନୁଭୂତି ଏଠାରେ ପ୍ରକାଶ କରିବାପାଇଁ ଆଗ୍ରହ ପ୍ରକାଶ କରୁଛି। ସେ ସମୟରେ ବିକ୍ରୀ ବୃଦ୍ଧି ପାଇଁ ଉପରିସ୍ଥ ଅଧିକାରୀମାନେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ପୁରସ୍କାର ଘୋଷଣା କରି ବିକ୍ରୀ କରୁଥିବା କର୍ମଚାରୀଙ୍କୁ ଲୋଭାତୁର କରାଇଥାନ୍ତି। ୨୦୧୦ ମସିହାର କଥା। ଗ୍ରୀଷ୍ମ ଋତୁର ଆଗମନ ଓ ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ତତ୍କାଳୀନ ଓଡ଼ିଶା ମୁଖ୍ୟ ଗୋଟିଏ ଅଜବ ପୁରସ୍କାର ଘୋଷଣା କରିଥିଲେ। କେହି ଯଦି ୫୦ହଜାର ଟଙ୍କାର ଗୋଟିଏ ଜୀବନବୀମା କରିବେ ଗୋଟିଏ ଥମ୍ବଅପ୍ ବ୍ରାଣ୍ଡ୍'ରଥଣ୍ଡା ପାନୀୟ ସହିତ ସାର୍ଟିଫିକେଟ୍ ପାଇବେ। ଏଭଳି ଘୋଷଣାରେ ଆମେ ସମସ୍ତେ ଖୁସି। ଥଣ୍ଡା ପାନୀୟ ବୋତଲଟିଏ ମିଳିବ, ତାକୁ ଘରକୁ ନେବୁ ଓ ସାର୍ଟିଫିକେଟ୍'କୁ ସଫଳତାର ସ୍ମୃତି ରୂପେ ସାଇତି ରଖିବାର ଲୋଭ ମନକୁ ଆସିଗଲା। ମୋର ୫୦ହଜାର ଟଙ୍କାର ବୀମା ପଲିସ୍ ଗୋଟିଏ ଲଗ୍ଇନ୍ ବି ହେଲା। ଆଉ ରାତିରେ ପୁରା ଓଡ଼ିଶା ଗ୍ରୁପ୍'ରେ ଯେଉଁ ମାନେ ବିଜେତା ହୋଇଥିଲେ ସମସ୍ତଙ୍କୁ ରାଜ୍ୟ ମୁଖ୍ୟଙ୍କର ଦସ୍ତଖତ ସହ ଏକ ସାର୍ଟିଫିକେଟ ମିଳିଗଲା ଆଉ ତା ମଝିରେ ଏକ ବଡ 👍 ବୁଢ଼ା ଆଙ୍ଗୁଠି ଦ୍ୱାରା ଦର୍ଶିତ ଇମୋଜି ଚିହ୍ନ ଥିଲା। ଥଣ୍ଡା ପାନୀୟ ବୋତଲ କେବେ ମିଳିବ ବୋଲି ପଚାରିବାରୁ ଆମ ଶାଖା ମୁଖ୍ୟ ଆଶ୍ଚର୍ଯ୍ୟ ହେବା ଭଳି କହିଥିଲେ ଥଣ୍ଡା ପାନୀୟ ବୋତଲ ଦେବା କଥା କେହି କହି ନଥିଲେ ତ। ସାର୍ଟିଫିକେଟ୍ ଓ ଥମ୍ବ ଅପ୍ ମିଳିବା କଥା ସାର୍ (ଓଡିଶା ମୁଖ୍ୟ) କହିଥିଲେ। ତୁମକୁ ତ ଡିଜିଟାଲ୍ ସାର୍ଟିଫିକେଟ୍ ସହ ଥମ୍ବ ଅପ୍ ବୋତଲ ଖୋଲିବା ଚିହ୍ନ ମିଳିଲା। ପାଠକେ ଏଥିରୁ ବୁଝି ପାରୁଥିବେ, ଇଏ ହେଲା ଡିଜିଟାଲ୍'ର ଉଦାହରଣ।ଡିଜିଟାଲ୍ ସେବା ଯେତେ ଆଗେଇ ଚାଲିଛି ଏମିତି ସବୁ ମିଛ ଅନୁଭୂତି ବଢି ଚାଲିଛି।

ସ୍ନେହର ପବିତ୍ର ବନ୍ଧନ ରାକ୍ଷୀ'ଠାରୁ ଆରମ୍ଭ କରି ନୂଆ ବର୍ଷର ଗ୍ରିଟିଂସ୍ କାର୍ଡ ଓ ଅନେକ ଉପହାର ସବୁକୁ ଏବେ କେବଳ ସାମାଜିକ ଗଣମାଧ୍ୟମରେ ଛାଡ଼ି ଦିଆ ଯିବାର ଟ୍ରେଣ୍ଡ ବଢି ଚାଲିଛି। କୋଭିଡ୍ ମହାମାରୀ ସମୟରେ ଉପାୟ ନଥିବା କାରଣରୁ ବାହାରେ ରହୁଥିବା ପୁଅ-ଝିଅ'ମାନେ ବାପ ମାଆଙ୍କ ଅନ୍ତିମ ସଂସ୍କାର ସମୟରେ ଅନ୍-ଲାଇନ୍'ରେ ଉପସ୍ଥିତ ରହି ବିଧି ବିଧାନକୁ ପାଳିବାର ଅନେକ ନଜିର ଆମ ପାଖରେ ଅଛି। କିନ୍ତୁ ଏବେ ସମସ୍ତ ସୁବିଧା ଓ ସୁଯୋଗ ଥାଇ ମଧ୍ୟ ଲୋକେ ପରିବାର ଓ ବନ୍ଧୁ ବାନ୍ଧବ ମାନଙ୍କ ଜନ୍ମଦିନ'ଠାରୁ ଆରମ୍ଭ କରି ଶୁଭ, ଅଶୁଭ ଓ ପିତୃପୁରୁଷଙ୍କ ଶ୍ରାଦ୍ଧ ଇତ୍ୟାଦି କାମରେ ମଧ୍ୟ ଅନ୍-ଲାଇନ୍'ରେ ଉପସ୍ଥିତ ରହି କାମ ଚଳାଇ ଦେଉଛନ୍ତି। ଏମିତିକି ପୁରୋହିତ ବି ଅନ୍-ଲାଇନ୍'ରେ ମନ୍ତ୍ର ପାଠ କରି କର୍ମ କରି ଦେଉଛନ୍ତି। ନିକଟରେ ଜଣେ ବନ୍ଧୁ ୧୦୧ଟଙ୍କା ପଠାଇ ବାବା ଆଖଣ୍ଡଳମଣିଙ୍କ ପାଖରେ ଜଳସାଇ କେମିତି କଲେ, ଆଉ ସେ ନନା ଜଣଙ୍କ ଜଳସାଇ କରିବା ବେଳର ଭିଡିଓ ପ୍ରମାଣ ମଧ୍ୟ ତାଙ୍କୁ ପଠାଇ ଦେଇଥିବାର ସୁନ୍ଦର ଅନୁଭୂତି ବଖାଣି ଥିଲେ।



ଆଜିକାଲି ପ୍ରତିଦିନ ସକାଳୁ ହ୍ୱାଟସଆପ୍ ଗ୍ରୁପ୍ ମାଧ୍ୟମରେ ଜୟ ଜଗନ୍ନାଥ ଲେଖା ହୋଇଥିବା ମେସେଜ୍ ଆମେ ସମସ୍ତେ ପାଉଛେ ଓ କେହିକଦବା ପଠାଉଛେ ମଧ୍ୟ। ସେହି ହିସାବରେ ମୁଁ ବି କିଛି ଶୁଭଚିନ୍ତକମାନଙ୍କ ପାଖକୁ ଜୟ ଜଗନ୍ନାଥ ମେସେଜ ପଠାଇଥାଏ। ଗ୍ରୁପ୍'ରେ ସମସ୍ତେ ପ୍ରତ୍ୟୁତ୍ତରରେ ଶୁଭ ସକାଳ ଲେଖା ଥିବା ମେସେଜ ପଠାଉ ଥିବା ବେଳେ ଜଣେ ଅତ୍ୟନ୍ତ ମହାପ୍ରଭୁ ଜଗନ୍ନାଥ ପ୍ରେମୀ ଡାକ୍ତର କିଛି ବି ଉତ୍ତର ଦିଅନ୍ତି ନାହିଁ। କିଛି ଦିନ ତଳେ ମୁଁ ତାଙ୍କୁ ଫୋନ୍ କରି ଉତ୍ତର ନଦେବାର କାରଣ ପଚାରିଥିଲି। ସେ କହିଥିଲେ ଆପଣ ବ୍ୟକ୍ତିଗତ ଭାବେ ଜୟ ଜଗନ୍ନାଥ ଲେଖିକି ମୋତେ ପଠାଉଛନ୍ତି ନା ଗ୍ରୁପ୍ ମାଧ୍ୟମରେ ? ମୋର ଉତ୍ତର ଥିଲା ଗ୍ରୁପ୍ ମାଧ୍ୟମରେ। ସାରଙ୍କ ଦ୍ୱିତୀୟ ପ୍ରଶ୍ନ ଥିଲା ଆପଣ ଜୟ ଜଗନ୍ନାଥ ଶବ୍ଦଟିକୁ ପ୍ରତିଦିନ ଟାଇପ୍ କରୁଛନ୍ତି ନା ପୂର୍ବଦିନର ଲେଖାରୁ କପି କରି ଆଣି ପେଷ୍ଟ୍ କରି ଦେଉଛନ୍ତି। ମୋର ଉତ୍ତର ଥିଲା ହଁ ସାର୍ କପି ପେଷ୍ଟ କରି ଦେଉଛି। ତତ୍କ୍ଷଣାତ୍ ସାର୍ କହିଥିଲେ ସେଥିପାଇଁ ମୁଁ ଉତ୍ତର ଦେଉନାହିଁ। ମୁଁ ଯେତିକି ଜଣଙ୍କ ପାଖକୁ ନିଜେ ଜୟ ଜଗନ୍ନାଥ ଶବ୍ଦଟି ଟାଇପ୍ କରି ଲେଖିପାରୁଛି ସେତିକି ଜଣଙ୍କ ପାଖକୁ ପଠାଉଛି। ଅତ୍ୟନ୍ତ କ୍ଷୋଭର ସହିତ କହିଥିଲେ କି, ଏବେ ତ ସବୁ କିଛି କପି ପେଷ୍ଟ ହୋଇ ସାରିଲାଣି, ଶେଷରେ ଆମ ଆରାଧ୍ୟ ଦେବାତା ଜଗନ୍ନାଥ ମହାପ୍ରଭୁଙ୍କୁ ବି ଆମେ କପି ପେଷ୍ଟ କରିଦେଉଛେ। ଜୟ ଜଗନ୍ନାଥ ବୋଲି ମାତ୍ର ୬ଟି ଅକ୍ଷର ଲେଖିବାକୁ ମଧ୍ୟ ଆମକୁ କଷ୍ଟ। ଆଜିଠାରୁ ଆପଣ ନିଜେ ଲେଖନ୍ତୁ, ଆଉ ଲେଖିବା ବେଳେ ଆପଣ ନିଶ୍ଚୟ ପ୍ରଭୁଙ୍କୁ ଅନୁଭବ କରିବେ, ଆଉ ଦେଖିବେ ଦିନଟି ଆପଣଙ୍କ ପାଇଁ ବହୁତ ଶୁଭ ହେବ ଓ ଯାହା ପାଖକୁ ପଠାଉଛନ୍ତି ତାଙ୍କର ବି ଶୁଭ ହେବ। କଥାଟି ମତେ ଯୁକ୍ତିଯୁକ୍ତ ଆଉ ଶିକ୍ଷଣୀୟ ଲାଗିଲା। ତେଣୁ ଆସନ୍ତୁ ସଭିଏଁ ଶପଥ କରିବା କି ଆଜିଠାରୁ ଜଗନ୍ନାଥ ମହାପ୍ରଭୁଙ୍କୁ ଆଉ କେବେ ବି କପି ପେଷ୍ଟ କରିବା ନାହିଁ। ଜୟ ଜଗନ୍ନାଥ ମହାପ୍ରଭୁ।

ଜ୍ଞାନ ରଞ୍ଜନ ମିଶ୍ର

# ପ୍ରତି ୪ମିନିଟ୍‌ରେ ଜଣଙ୍କର ଜୀବନ ନେଉଛି ସଡକ ଦୁର୍ଘଟଣା

ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର। ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ। ରାଜ୍ୟରେ କୋଭିଡ଼ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି। ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି। ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତି ୪ମିନିଟରେ ଜଣଙ୍କର ମୃତ୍ୟୁ ହେଉଥିବାବେଳେ ବର୍ଷକୁ ଚାଲିଯାଉଛି ଦେଢ଼ଲକ୍ଷ ବହୁ ମୂଲ୍ୟ ଜୀବନ। ଗତ ୨୦୨୩ରେ ୫୭୩୯ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟା ଥିଲା ୫୪୬୭। ୨୦୨୧ରେ ତାହା ଥିଲା ୫୦୮୧ଜଣ। ସଡ଼କ ସୁରକ୍ଷା ନିୟମ ପାଳନର ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ କରିବା ଉଦ୍ଦେଶ୍ୟରେ ଜାନୁଆରୀ ୧ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି ସଡ଼କ ସୁରକ୍ଷା ମାସ। ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ। ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି। ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା। ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଗଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି। ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି। ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଡ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି। ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ। ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି। ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି। ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି। ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା। ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି। ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ। ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ। ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ। ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର। ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ। ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ,

ଅଭୟ କୁମାର ଦାସ

ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି। ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି। ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର। ହେଲେ ଅନୁପାଳନ ହେଉନାହିଁ। ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ। ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି। ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି। ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି। ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି। ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି। ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ। ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି। ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ।

ଗୋତରା, ମାହାଙ୍ଗା, କଟକ

## ଏକାଦଶୀ ଉପବାସ ମାହାତ୍ମ୍ୟ : ୨୧

# ଇନ୍ଦିରା ଏକାଦଶୀ

ସିଦ୍ଧାର୍ଥ ମହାପାତ୍ର

ଦ୍ୱାରକାନାଥ ପ୍ରଭୁ ଶ୍ରୀକୃଷ୍ଣ କହିଲେ, ହେ ଧର୍ମପୁତ୍ର ! ଆଶ୍ୱିନ ମାସ କୃଷ୍ଣ ପକ୍ଷ ଏକାଦଶୀକୁ ଇନ୍ଦିରା ଏକାଦଶୀ କୁହାଯାଏ। ଇନ୍ଦିରା ଏକାଦଶୀ ଆଶ୍ୱିନ ମାସ କୃଷ୍ଣ ପକ୍ଷ ତିଥିରେ ପାଳିତ ହୁଏ। ଏକଦା ଦେବର୍ଷି ନାରଦ ସ୍ୱର୍ଗ ଲୋକରୁ ଯମ ଲୋକ ଆସିଥିବା ସମୟରେ, ଜଣେ ଧର୍ମାତ୍ମା ରାଜାଙ୍କୁ ଦୁଃଖୀ ଅବସ୍ଥାରେ ଦେଖିଲେ। ଦିବ୍ୟ ଚକ୍ଷୁରେ ଦେଖି ନାରଦ ଋଷି ମହିଷ୍ମତୀ ନଗରୀର ରାଜା ଇନ୍ଦ୍ରସେନଙ୍କ ପାଖେ ପହଞ୍ଚିଲେ ଯିଏ କି ଯମଲୋକରେ ଥିବା ଦୁଃଖୀ ରାଜାଙ୍କ ପୁତ୍ର। ନାରଦ ଋଷି ଇନ୍ଦ୍ରସେନଙ୍କୁ ତାଙ୍କ ପିତାଙ୍କ ଦୂରବସ୍ଥା ବିଷୟରେ ଜଣାଇଲେ ଏବଂ ନିରାକରଣର ଉପାୟ ନିଷ୍ତାର ସହିତ ଇନ୍ଦିରା ଏକାଦଶୀ ପାଳନ ବୋଲି ଜଣାଇଲେ। ନାରଦ ଋଷିଙ୍କ କହିବା ଅନୁସାରେ ରାଜା ଇନ୍ଦ୍ରସେନ ଦଶମୀ ଦିନ ପିତୃ ଶ୍ରାଦ୍ଧ କରି ଗୋମାତା ଏବଂ ବ୍ରାହ୍ମଣଙ୍କୁ ତୃପ୍ତ କରି ଭୂମିରେ ଶୟନ କଲେ। ଏକାଦଶୀ ଦିନ ସପରିବାର ଏବଂ ରାଜ୍ୟବାସୀଙ୍କ ସଙ୍ଗେ ମିଶି ନିରାହାର ରହି ରାଜା ଇନ୍ଦ୍ରସେନ ନାରାୟଣ ଭଗବାନଙ୍କ ଉପାସନା କଲେ ଏବଂ ଏକାଦଶୀ ପାଳନ ପୁଣ୍ୟକୁ ନିଜର କାମଲୋକରେ ଥିବା ପିତାଙ୍କୁ ପ୍ରଦାନ କରିବାକୁ ସଂକଳ୍ପ କଲେ। ରାତ୍ରି ଜାଗରଣ ଉତ୍ତାରୁ ତାଙ୍କ ପିତା ଗରୁଡ଼ଙ୍କ ପିଠିରେ ବସି ବୈକୁଣ୍ଠ ଲୋକ ଗମନ କରିବାର ଦେଖିଲେ। ଅନେକ ଦିନ ନିରଙ୍କୁଶ ଶାସନ କଲା ପରେ ଉଚିତ ସମୟରେ ରାଜା, ତାଙ୍କ ପରିବାର ଏବଂ ରାଜ୍ୟବାସୀ ମଧ୍ୟ ନିଜ ପୁଣ୍ୟ ବଳରେ ସ୍ୱର୍ଗ ଗାମୀ ହେଲା। ଇନ୍ଦିରା ଏକାଦଶୀରେ ଶାଳଗ୍ରାମଙ୍କ ଉପାସନା କରି ରାଶି ଏବଂ ଗୁଡ଼ ପ୍ରସାଦ ଅର୍ପଣ କରିବା ଉଚିତ।

ବକ୍ସିବାଜାର ରୋଡ, କଟକ-୧
ମୋ : ୯୩୩୮୫୭୦୯୯୩

# ଭାରତୀୟ ତୈଳ ନିଗମର ଭୂତଳ ପାଇପଲାଇନ ନିରାପତ୍ତା ଏବଂ ସୁରକ୍ଷା ସମ୍ବନ୍ଧୀୟ ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ

ଓଡ଼ଗାଁ, (ଆଦର୍ଶ କୁମାର ପଟ୍ଟନାୟକ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଶରଧାପୁର ପଞ୍ଚାୟତ ଆମ୍ବରାପୁର ଖେଳପଡିଆରେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ବ୍ରହ୍ମପୁର ଦକ୍ଷୀଣ-ପୂର୍ବ କ୍ଷେତ୍ରୀୟ ଭୂତଳ ପାଇପ୍ ଲାଇନର ନିରାପତ୍ତା ଏବଂ ସୁରକ୍ଷା ସମ୍ବନ୍ଧୀୟ ଗ୍ରାମ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି ଶ୍ରୀନୁ, ଡାକ୍ତର ନିଳାଞ୍ଜନ ଦାସ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓଡ଼ଗାଁ, ଅଗ୍ନିଶମ ସେବା ଅଧିକାରୀ ନିଳକଣ୍ଠ ମହାନ୍ତି, ପୋଲିସ ଅଧିକାରୀ ମନୋରଞ୍ଜନ ଦେହୁରୀ, ସ୍ଥାନୀୟ ସାମାଜିକ କର୍ମି ସମୀର ରାଉତ, ଦକ୍ଷୀଣ ପୂର୍ବ କ୍ଷେତ୍ରୀୟ






ପାଇପଲାଇନର ଡିଜିଏମ୍ ଅଂଶୁମାନ ରାୟ, ବ୍ରହ୍ମପୁର ଏସ ଇ ଆରପିଏଲ ଚିଫ ଅପେରସନ ମ୍ୟାନେଜର ସୁଧାକର ଭି, ଅମିତ୍ ଗୁପ୍ତା, ଅଭିଳାଷ ମିଶ୍ର, ତୋଫାନ କୁମାର ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ପ୍ରଥମେ ଅଫ ସାଇଟ୍ ବିପର୍ଯ୍ୟୟ ମକଡ୍ରିଲ୍ ମାଧ୍ୟମରେ ଭୂତଳ ପାଇପ ଲାଇନ ଲିକ ଓ ଚୋରି ସମୟରେ କିପରି ଦୁର୍ଘଟଣାକୁ ଏଡାଇଦିଆଯାଇ ପାରିବ ତାର ନମୁନା ପ୍ରଦର୍ଶିତ କରିଥିଲେ । ସୂଚନା ଥାଉକି ପାରାଦୀପରୁ ଓଡ଼ଗାଁ ଅଞ୍ଚଳ ଦେଇ ହାଇଦ୍ରାବାଦ ଯାଇଥିବା ପେଟ୍ରୋଲିୟମ ପାଇପ୍ ଲାଇନର ସୁରକ୍ଷା ଓ ନିରାପତା ସମ୍ପର୍କରେ ସାବଧାନତା ଅବଲମ୍ବନ ପୂର୍ବକ ସଚେତନତା ସମୟରେ ପାଇପ୍ ଲାଇନରେ ଲିକେଜ ଜଣାପଡିଲେ ଜ୍ୱଳନଶିଳ ପଦାର୍ଥ ଯଥା ମୋବାଇଲ, ସିଗାରେଟ, ଦିଆସିଲି, ବିଡ଼ି, ଲଣ୍ଠନ ଇତ୍ୟାଦି ନ ନେବାକୁ ସୂଚନା ଦିଆଯାଇଥିଲା । ଖୁବଶୀଘ୍ର ଆୟୋସି ଏ ଏଲ କଣ୍ଟ୍ରୋଲ ରୁମ ବ୍ରହ୍ମପୁରର ଟୋଲଫ୍ରି ନମ୍ବରରେ ଜଣାଇବା ପାଇଁ କହିଥିଲେ । ଯଦି କେହି ଦୁବୃର୍ତ୍ତ ପାଇପଲାଇନ ଖୋଳି ତେଲ ଚୋରି ପାଇଁ ଉଦ୍ୟମ କରୁଥିବା ସୂଚନା ପ୍ରଦାନ କରେ, ତାଙ୍କ ନାମ ଗୋପନ ରହିବା ସହିତ ତାଙ୍କୁ ଉତ୍ସାହିତ କରିବା ପାଇଁ ୨୫ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ଅପେରସନାଲ ମ୍ୟାନେଜର ଆଦିତ୍ୟ ପ୍ରସାଦ ମିଶ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମଂଚାସୀନ ମୁଖ୍ୟ ଅତିଥି ଡ. ଭୋଇ ଓ ଖବରଦାତାଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସହିତ ଜନ୍ମ ସାଧାରଣଙ୍କ ସନ୍ଦେହ ଦୂର କରିଥିଲେ ।

# ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ମଧ୍ୟରେ ବୁଝାମଣା

ଭୁବନେଶ୍ୱର, (ଭିଓଭି):ଆମେରିକାର ତୁଲସା ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଜି ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଯାଇଛି । ଏହି ବୁଝାମଣାପତ୍ରରେ ତୁଲସା ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱବିଦ୍ୟାଳୟ ଗ୍ଲୋବାଲ୍ ଏନ୍‌ଗେଜମେଣ୍ଟର ଭାଇସ୍ ପ୍ରୋଭୋଷ୍ଟ ଡ. ଭିଭାନ୍ ୱାଙ୍ଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାକ୍ଷର କରିଥିଲେ । ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍‌ରେ ବିଟେକ୍ ପଢୁଥିବା ଛାତ୍ରଛାତ୍ରୀମାନେ ଡୁଆଲ ଡିଗ୍ରୀ ହାସଲ କରିପାରିବେ । ସେମାନେ ଦୁଇ ବର୍ଷ କିଟ୍ ବିଶ୍ୱବିଦ୍ୟାଳୟରେ ଓ ବାକି ଦୁଇ ବର୍ଷ ତୁଲସା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାର ସୁଯୋଗ ପାଇବେ । ଫଳରେ କିଟ୍ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିବା ସହ ତୁଲସା ବିଶ୍ୱବିଦ୍ୟାଳୟରୁ ଆଉ ଏକ ଡିଗ୍ରୀ ହାସଲ କରିପାରିବେ ।ଏହା ବ୍ୟତୀତ କିଟ୍‌ର ବିଭିନ୍ନ ପାଠ୍ୟକ୍ରମର ୪୦ ଜଣ ଛାତ୍ରଛାତ୍ରୀ ତୁଲସା ବିଶ୍ୱବିଦ୍ୟାଳୟରେ ଦୁଇ ସପ୍ତାହର ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ପାଇଁ ଯିବାର




ସୁଯୋଗ ପାଇବେ । ସେଠାରେ ଏହି ଛାତ୍ରଛାତ୍ରୀମାନେ ନିଜର ସଂସ୍କୃତି ଓ ନେତୃତ୍ୱ ବିଷୟରେ ତୁଲସା ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଜଣାଇବା ସହ ନିଜେ ମଧ୍ୟ ସେଠାକାର ସଂସ୍କୃତି ଓ ନେତୃତ୍ୱ ସମ୍ପର୍କରେ ଜ୍ଞାନ ଆହରଣ କରିବେ ।ଗତ ଏକ ବର୍ଷ ଧରି କିଟ୍ ପକ୍ଷରୁ ଏଥିପାଇଁ ପ୍ରୟାସ ଜାରି ରହିଥିଲା । ଏହା ବିଶ୍ୱବିଦ୍ୟାଳୟ ବୈଶ୍ୱିକ ଶିକ୍ଷା ଦିଗରେ କିଟ୍‌ର ଏକ ସଫଳ ପ୍ରୟାସ । ଏହା ବ୍ୟତୀତ ଉଭୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗବେଷଣା, ଛାତ୍ର ଓ ଅଧ୍ୟାପକ ବିନିମୟ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ଏଭଳି ଏକ ପ୍ରୟାସ ପ୍ରଶଂସା କରିବା ସହ ତୁଲସା ବିଶ୍ୱବିଦ୍ୟାଳୟ ପ୍ରୋଭୋଷ୍ଟ ଭିଭାନ୍‌ଙ୍କୁ ଧନ୍ୟବାଦ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦେବାଶିଷ ବନ୍ଦୋପାଧ୍ୟାୟ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, ବିଭିନ୍ନ ସ୍କୁଲ୍‌ର ନିର୍ଦ୍ଦେଶକ, ଡିନ୍ ଓ ପ୍ରାଧ୍ୟାପକମାନେ ଉପସ୍ଥିତ ଥିଲେ ।

# ନବ ବଧୂଙ୍କ ସନ୍ଦେହ ଜନକ ମୃତ୍ୟୁ, ସ୍ୱାମୀ ଓ ଶ୍ୱଶୁର ଅଟକ

ଓଡଗାଁ,(ଭିଓଭି): ସ୍ଥାନୀୟ ଆଦର୍ଶ ଥାନା ଅନ୍ତର୍ଗତ ଗୌଡ଼ପୁଟ ପଞ୍ଚାୟତ ଗୁଆନ୍ଦ ଗ୍ରାମରେ ଏକ ସଦ୍ୟ ବିବାହିତା ନବ ବଧୂଙ୍କ ଶ୍ୱଶୁର ଘରେ ମୃତ୍ୟୁ ହୋଇଛି । ଏହି ମାମଲାରେ ପୋଲିସ ମୃତକଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରା ଉଚୁରା କରୁଛି । ସୂଚନା ଅନୁସାରେ ଗୁଆନ୍ଦ ଗ୍ରାମର ପ୍ରଫୁଲ ପ୍ରଧାନଙ୍କ ସାନ ଝିଅ ବର୍ଷାଞ୍ଜଳି (୨୧)ସେହି ଗ୍ରାମର ଭାସ୍କର ବେହେରାଙ୍କ ପୁଅ ଭାଗବତ (୨୪)ଙ୍କୁ ମାତ୍ର ୨୧ ଦିନ ପୂର୍ବେ ବିବାହ କରିଥିଲେ । ବିବାହ ସମୟରେ ସୁନା, ରୁପା ଅଳଙ୍କାର ସହିତ ଆବଶ୍ୟକ ସାଜସଜା ବାପ ଘର ପ୍ରଦାନ କରିଥିଲେ । ଏପରିକି ବୁଧବାର ଉଭୟେ ବାପ ଘରକୁ ଜ୍ୱାଇଁ ଡାକରାରେ ଯାଇ ଘରକୁ ଫେରିଥିଲେ । ହେଲେ ଗୁରୁବାର ରାତିରେ ବର୍ଷାଞ୍ଜଳି ନିଜ ସ୍ୱାମୀ ସହିତ ଘରେ ଶୋଇଥିବା ବେଳେ ବେକରେ ଶାଢ଼ୀ ବାନ୍ଧି ଫ୍ୟାନରେ ଓହଳି ଆତ୍ମହତ୍ୟା କରିଥିବା ନେଇ ବିଳମ୍ବିତ ରାତିରେ ସମୁଦି ପ୍ରଫୁଲଙ୍କୁ ଫୋନ ଯୋଗେ ଜଣାଇଥିଲେ । ସେ ଶୁକ୍ରବାର ସକାଳେ ପୋଲିସରେ ଅଭିଯୋଗ କରିଥିବା ଅନୁସାରେ ଅଧିକ ଯୌତୁକ ଲୋଭରେ ଜ୍ୱାଇଁ, ସମୁଦି ଓ ସମୁଦୁଣୀ ମିଶି ଝିଅକୁ ମାରିଦେଇଥିବା ପୋଲିସରେ ଅଭିଯୋଗ କରିଥିଲେ । ସୂଚନା ପାଇ ପୋଲିସ ତୁରନ୍ତ ମୃତକଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଥାନାକୁ ଆଣି ଅଟକ ରଖିଥିବା ବେଳେ ସେମାମାନଙ୍କ ବିରୋଧରେ ଶୁକ୍ରବାର ୭୭/୨୦୨୫ ରେ ମାମଲା ରୁଜୁ କରିଛି । ମାଜିଷ୍ଟ୍ରେଟ ଜି ଶ୍ରୀନୁଙ୍କ ଉପସ୍ଥିତିରେ ଶବ ଜବତ କରିବାକୁ ସହିତ ସ୍ଥାନୀୟ ହସ୍ପିଟାଲରେ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଥିବା ମାମଲାକୁ ପରିଚାଳନା କରୁଥିବା ପୋଲିସ ଏସଆଇ ଚକ୍ରଧର ସିଂ ସୂଚନା ଦେଇଛନ୍ତି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ଅସଲ କାରଣ ଜଣା ପଡିବ ବୋଲି ପୋଲିସ କହିଛି । ଅନ୍ୟପକ୍ଷେ ମୃତକଙ୍କ ସ୍ୱାମୀ ଭାଗବତଙ୍କୁ ପଚାରିବାରେ ସେ ପ୍ରଥମେ ଖାଇ ଶୋଇଲା ପରେ ବିଳମ୍ବିତ ରାତିରେ ସେ ଆତ୍ମହତ୍ୟା କରିଥିବା ଦେଖିବାକୁ ପାଇ ଚକିତ ହୋଇଥିବା କହିଛନ୍ତି ।ହେଲେ ମାତ୍ର ୨୧ ଦିନ ପୂର୍ବେ ବିବାହ କରିଥିବା ଏବଂ ଯୁକ୍ତ ୩ କଳା ପରୀକ୍ଷା ଦେଉଥିବା ଝିଅର ସନ୍ଦେହ ଜନକ ମୃତ୍ୟୁ ଯୋଗୁଁ ସାରା ପରିବାର ଓ ବନ୍ଧୁ ବାନ୍ଧବ ଭାଙ୍ଗି ପଡିବ ସହିତ ମୃତ୍ୟୁର ଅସଲ କାରଣ ଖୋଜିବାକୁ ଦାବି କରିଛନ୍ତି ।

# ଓଡ଼ିଶା ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟରେ ସମୀକ୍ଷା ବୈଠକ

ଜୟପୁର , (ଭିଓଭି): ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି । ଅପରାହ୍ନ ୫:୩୦ ସମୟରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ଜିଲ୍ଲା ଦକ୍ଷତା ଓ ବିକାଶ ଓ ତାଲିମ୍ କେନ୍ଦ୍ର ଠାରେ ଜିଲ୍ଲାପାଳ ଭି, କୀର୍ତ୍ତି ଭାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିଛି ବୋଲି ମନ୍ତ୍ରୀ କହିଥିଲେ । ଜିଲ୍ଲାରେ ଉଚିତ୍ ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ,ଗହମ, ତେଲ ସାବୁନ ,ଡାଲି ଭଳି ଅତ୍ୟାବଶକ ସାମଗ୍ରୀ ସୁଲଭ ମୁଲ୍ୟରେ କାର୍ଡଧାରିଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ । କାର୍ଡ ପାଇବାରେ ବଂଚିତ ଗରୀବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଣ୍ଟନ କରାଯିବ । ଚଳିତ ବର୍ଷ ଖରିପ ଋତୁରେ କୋରାପୁଟ ଜିଲ୍ଲାର ଚାଷୀ ମାନଙ୍କ ଧାନ ସଠିକ୍ ଭାବରେ କ୍ରୟ କରାଯାଇଛି ବୋଲି ସେ ଦର୍ଶାଇଛନ୍ତି । ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନେ




ସୁଚାରରୁପେ କାର୍ଯ୍ୟନିର୍ବାହୀ କରିଥିବା କହିଛନ୍ତି । ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ନହୋଇ ସଠିକ୍ ମୂଲ୍ୟରେ ଧାନ ବିକ୍ରୀ କରିଥିବା ମନ୍ତ୍ର କହିଛନ୍ତି । ଆଗାମୀ ଦିନରେ ଏ ସବୁ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭାବରେ ସରକାର କାର୍ଯ୍ୟ କରିବ । ଯାହା ସବୁ ତୃଟି ରହିଛି ସେଥିରେ ସୁଧାର ଅଣାଯିବ ବୋଲି ମନ୍ତ୍ରୀ କହିଛନ୍ତି । ସମୀକ୍ଷା ବୈଠକରେ, କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ସୁଶ୍ରୀ ଆକବରାମ ସସ୍ୟା ରେଡ୍ଡୀ, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ଯୋଗାଣ ଅଧିକାରୀଙ୍କ ସୂଚନା ଅନୁଯାୟୀ ୧୯-୩-୨୦୨୫ ତାରିଖ ସୁଦ୍ଧା ଜିଲ୍ଲାର ୧୪ ଗୋଟି ବ୍ଲକ୍ ରେ ୨୪୦ ଗ୍ରାମ ପଞ୍ଚାୟତ ର ୧୮୬୫ ଗ୍ରାମରେ ସର୍ବମୋଟ ୧୧,୭୩,୬୪୩ ରାସନ କାର୍ଡ ହିତାଧିକାରୀ ଅଛନ୍ତି । ଏଥି ମଧ୍ୟରୁ ୧୦,୪୦,୭୯୭ ହିତାଧିକାରୀଙ୍କ କେୱାଇସି ସଂଶୋଧନ ହୋଇଥିବା ଜଣାପଡ଼ିଛି । ଚଳିତ ବର୍ଷ ଖରିଫ ଋତୁରେ ଚାଷୀମାନଙ୍କ ଧାନ କ୍ରୟ କରିବା ନିମନ୍ତେ ୭୦୧୩.୨୫୧ ମେଟ୍ରିକ୍ ଟୋନ ଧାନ କ୍ରୟ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ।

# ଆଧାର ସହ ଲିଙ୍କ୍ ହେବ ଭୋଟର ପରିଚୟ ପତ୍ର

ନୂଆଦିଲ୍ଲୀ(ଭିଓଭି): ଦେଶର ଭୋଟର ତାଲିକା ବ୍ୟବସ୍ଥାରେ ଏକ ବଡ଼ ସଂସ୍କାର ଆସିବାକୁ ଯାଉଛି । ଦେଶର ଭୋଟରମାନଙ୍କୁ ଦିଆଯାଇଥିବା ଭୋଟର ପରିଚୟ ପତ୍ର ସହ ଆଧାର ନମ୍ବର ଲିଙ୍କ୍ ହେବ । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଧାର ଓ ଭୋଟର ପରିଚୟପତ୍ର ସଂଯୋଗ ନେଇ ନିର୍ବାଚନ କମିଶନର ଏବଂ ୟୁଆଇଡିଏଆଇର ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଖୁବ୍ ଶୀଘ୍ର ଆଧାର କାର୍ଡ ପ୍ରଦାନ କରୁଥିବା ସଂସ୍ଥା ୟୁଆଇଡିଏଆଇ ଓ ନିର୍ବାଚନ କମିଶନଙ୍କ ଅଧିକାରୀଙ୍କ ମଧ୍ୟରେ ଏ ନେଇ ଆଲୋଚନା ହେବ । ୟୁଆଇଡିଏଆଇର ବରିଷ୍ଠ ଅଧିକାରୀଙ୍କ ସହ ହୋଇଥିବା ବୈଠକରେ ବିଭିନ୍ନ ଦିଗ




ଉପରେ ଆଲୋଚନା ହୋଇଥିଲା । ଭୋଟର ପରିଚୟ ପତ୍ର ସହ ଆଧାରକୁ କିପରି ଲିଙ୍କ କରାଯାଇପାରିବ ସେ ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ନିର୍ବାଚନ ଆୟୋଗ ଏବଂ ଆଧାର କାର୍ଡ ପ୍ରଦାନ କରୁଥିବା ଏଜେନ୍ସି ୟୁଆଇଡିଏଆଇର ଅଧିକାରୀମାନେ ଏକାଠି ବସି ଭୋଟର ପରିଚୟ ପତ୍ର ଓ ଆଧାର ସଂଯୋଗ ଯୋଜନାକୁ କିପରି ଆଗକୁ ବଢ଼ାଇପାରିବେ ସେ ନେଇ ସମସ୍ତ ବୈଷୟିକ ଦିଗ ଉପରେ ଆଲୋଚନା କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ।

# Addressing Mental Health Stigma: A Call for Change in India



Snehasree Parida
BBA LLB, 2nd year School of Law
Centurion University
Mob -8249379994

In a globalized society, mental health has been a concern of millions of people across the globe. The understanding and treatment of the issue vary from place to place. In some parts of the country, mental health has been a priority of people, while in other parts it is not. Social, economic, and cultural factors often influence the issue. In this article, we will dive deep into the state of mental health in India compared to the global standards, identify important challenges and ways to tackle the issue, and raise awareness regarding the issue in the Indian context.

Mental health issues have gained attention globally due to rising awareness about their frequencies and impact. According to the World Health Organization (WHO), 1 in every 8 people, or 970 million people around the world, were living with a mental disorder, with anxiety and depressive disorders in 2019. In 2020, the number of people living with anxiety and depressive disorders rose significantly because of the COVID-19 pandemic. These are the most common disorders reported widely across the world. Countries like Australia, the UK, Sweden, Canada, and New Zealand have made significant progress in promoting mental health and improving access to treatment through inclusive policies and frameworks.

These countries advocate for a comprehensive approach that includes prevention, treatment, and rehabilitation centers. They often provide inclusive mental health services that are blended into general healthcare systems, ensuring that every individual accesses the necessary support they need. Additionally, awareness campaigns play a crucial role in de-stigmatizing the illness or disorder. This is essential for people to seek necessary help or support without the fear of being judged.

India struggles with mental health issues largely due to ongoing stigma. Even if the awareness grows, negative perceptions remain strong. Different cultures hold varying beliefs regarding mental health issues; some see it as a sign of weakness, failure, or even a result of supernatural forces. Due to these, it can influence how people and communities address mental health issues. The negative attitudes towards mental health result in discrimination. Individuals often encounter unfair treatment, social exclusion, or are labeled with negative stereotypes by society. This stigma creates a barrier for those in need of support, as they might fear being judged. In regions where stigma is particularly strong, people may avoid talking about their difficulties or seeking professionals' help. Which may further lead to the worsening of their mental health condition. Eventually leading to the death of that person.

India is a developing country, and with the development of the country, its healthcare system is also developing parallel to it. Adding mental health to its system has been challenging, as there are not enough funds and learned/trained mental professionals to fulfill the needs. Community-based services are also less in number, which leaves the issue ignored and untreated. This further leaves the person to suffer on their own. Which further worsens and increases concerns by their family members. The added stress from COVID-19 has increased the mental health issues, highlighting the urgent need for mental health services or effective solutions to address this issue.

India has taken the initiative to make policies and laws related to mental health issues. The much-needed Mental Health Care Act, enacted in 2017, is a landmark piece of legislation that aims to protect the rights of individuals with mental illnesses and ensure access to mental healthcare services. It emphasizes the importance of informed consent, community-based care, and the decriminalization of suicide, a significant concern in the country. But very few of them are being implemented or executed in society.

Despite these laws and policies, India still faces challenges in curbing the issue. Still, it is considered a boon in our society. To make a work success, we should first focus on the roots of the cause. We should first focus on the roots. The surroundings, the people, or whatever we are with. Parents, siblings, partners, friends, or other relations that people basically have matter the most in healing. When any of the related people do not understand them, it will create a huge chaos in the person's mind. Parents should understand that their child also needs mental support; their time is not just about providing them with monetary support. They should consider their child's feelings and what they want. Mostly parents are never emotionally available. This is where a child may go through different mental health issues. It's not just about parents; it's about all the relationships a person has in society. The person suffering just needs a listener or a person who is emotionally available, and the person should be comfortable sharing their thoughts without being judged. The implementation should start from the home itself. This could help a lot of people. Everyone should be aware of the fact that Mental Health is not just any small thing it's a big issue that most of the people suffers from nowadays.

India is focused on improving mental health care by learning from other countries. Mental health services should be integrated into healthcare settings to detect and treat issues early, and medical staff trained in mental health matters can increase access to essential support. India should increase public awareness about mental health, educating people about conditions, treatments, and support. Developing community services in local areas improves access, especially for rural and underserved communities. Using technology such as online therapy and mindfulness apps can assist people in areas where traditional mental health services are unavailable. Governments, non-profits, and businesses can work together and increase funding to build a stronger mental health system, resulting in more resources for research and services.

In conclusion, Mental health is a critical issue worldwide, and India has its own set of challenges. There is a large gap between the number of people with mental health issues and those receiving quality care, indicating a pressing need for change. While the global focus is on early intervention and reducing stigma, India should concentrate on closing this treatment gap by investing in mental health facilities, training more professionals, and creating solutions that fit culturally. Addressing the stigma associated with mental illness requires strategies like educating the public, engaging communities, and implementing policy changes. Achieving a society where mental health is valued and accessible involves cooperation from individuals, communities, and the government, both in India and around the world.



# ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି

ଭୁବନେଶ୍ୱର (ଭିଓଭି): ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ନିଯୁକ୍ତି ମିଳିଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଷ୍ଟିସ୍ ଟଣ୍ଡନଙ୍କୁ ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତ କରିଛନ୍ତି। କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନରାମ ମେଘୱାଲ ସାମାଜିକ ଗଣମାଧ୍ୟମ 'ଏକ୍'ରେ ଏହି ସୂଚନା ଦେଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ କଲେଜିୟମ୍ ଜଷ୍ଟିସ୍ ଟଣ୍ଡନଙ୍କ ନାମ ସୁପାରିଶ କରିଥିଲେ। ଜଷ୍ଟିସ୍ ହରିଶ ଟଣ୍ଡନ ଏବେ କୋଲକାତା ହାଇକୋର୍ଟରେ ବିଚାରପତି ଅଛନ୍ତି। ସୂଚନାଯୋଗ୍ୟ ଯେ, ସୁପ୍ରିମକୋର୍ଟ କଲେଜିୟମ୍ ତାଙ୍କ ନିଯୁକ୍ତି ନେଇ ସୁପାରିଶ କରିଥିଲେ। ଜଷ୍ଟିସ୍ ହରିଶ ଟଣ୍ଡନ ବର୍ତ୍ତମାନ କଲିକତା ହାଇକୋର୍ଟରେ ବିଚାରପତି ଅଛନ୍ତି। ଗତ ଜାନୁଆରି ୧୯ରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ନୂତନ ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ନେଇ ଏହି ସୁପାରିଶ କରାଯାଇଥିଲା।



ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ବର୍ତ୍ତମାନ ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି, ଯାହାଙ୍କର ଆହ୍ଲାବାଦ୍ ? ହାଇକୋର୍ଟକୁ ବଦଳି ହୋଇଛି। ଜଷ୍ଟିସ୍ ଟଣ୍ଡନ ୧୯୬୪ ମସିହା ନଭେମ୍ବର ମାସ ୧୬ ତାରିଖରେ ଜନ୍ମଗ୍ରହଣ କରିଛନ୍ତି। ସେ ୧୯୮୩ ମସିହାରେ କୋଲକାତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରି ହାସଲ ପରେ ୧୯୮୯ ମସିହାରେ ସେହି ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରି ସହିତ ଉତ୍ତୀର୍ଣ୍ଣ ହୋଇଥିଲେ। ସେହିବର୍ଷ ସେପଟ୍ଟେମ୍ବର ୨୬ରେ ଓକିଲ ଭାବେ ନାମ ପଞ୍ଜୀକରଣ କରି ସେ ଅଭ୍ୟାସ ଆରମ୍ଭ କରିଥିଲେ। ୨୦୧୦ ଅପ୍ରେଲ୍ ୧୩ ତାରିଖରେ କଲିକତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ହାଇକୋର୍ଟ ବିଚାରପତିଙ୍କ ମଧ୍ୟରେ ସର୍ବଭାରତୀୟ ସ୍ତରରେ ସେ ହେଉଛନ୍ତି ସପ୍ତମ ବରିଷ୍ଠ ବିଚାରପତି।

## ରତ୍ନଭଣ୍ଡାର କମିସନଙ୍କ ରିପୋର୍ଟ

# ସ୍ପଷ୍ଟୀକରଣ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, (ଭିଓଭି): ଶ୍ରୀମନ୍ଦିର ରତ୍ନଭଣ୍ଡାର କମିସନଙ୍କ ରିପୋର୍ଟ ସାର୍ବଜନୀନ ହେବ କି ନାହିଁ ଏବେବି ଦ୍ୱନ୍ଦ ଜାରି ରହିଛି। ଓଡ଼ିଶା ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି ହୋଇଛି। ରାଜ୍ୟ ସରକାର ଦେଇଥିବା ଦୁଇଟି ସତ୍ୟପାଠରେ ରିପୋର୍ଟ ସାର୍ବଜନୀନ ହେବ କି ନାହିଁ ସେନେଇ ଭିନ୍ନଭିନ୍ନ ତଥ୍ୟ ରହିଛି। ତେଣୁ ଏହା ଉପରେ ସ୍ପଷ୍ଟୀକରଣ ରଖିବାକୁ ରାଜ୍ୟ



ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଆଜି କୋର୍ଟରେ ଶୁଣାଣି ବେଳେ ଆବେଦନକାରୀ ଦିଲ୍ଲୀପ ବରାଳ ପକ୍ଷ ରଖିଛନ୍ତି। ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ଜଷ୍ଟିସ ରଘୁବୀର ଦାସଙ୍କ ରିପୋର୍ଟ ସାର୍ବଜନୀନ କରିବା ନେଇ ସରକାର ନୀରବ ରହିଛନ୍ତି। ରିପୋର୍ଟ ଉପଯୁକ୍ତ ସମୟରେ ବିଧାନସଭାରେ ଉପସ୍ଥାପିତ ନହେବାରୁ ଆଇନଜୀବୀ ଶ୍ରୀ ବରାଳ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆସନ୍ତା ସପ୍ତାହରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

## ବହୁ ସଂଖ୍ୟାକ ରାସନ କାର୍ଡ ପ୍ରଦାନ କରିବା ଦାବି

# କେବଳ ଲୋକ ଦେଖାଣିଆ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, (ଭିଓଭି): ଏକ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି ଯେ, ଅନେକ ରାଜ୍ୟ ରାସନ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅସହାୟ ଲୋକଙ୍କୁ ସବସିଡିଯୁକ୍ତ କୁହାଯାଇଥିଲା। ସୁପ୍ରିମକୋର୍ଟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ. କୋଟିଶ୍ୱର ସିଂହଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି। କୋର୍ଟ କହିଛନ୍ତି ଯେ, ରାସନ



ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବାକୁ ଦାବି କରୁଛନ୍ତି। କିନ୍ତୁ ଏହି ରାସନ ବିପିଏଲ୍ ହିତାଧିକାରୀ ପରିବାର ପର୍ଯ୍ୟନ୍ତ ପହଞ୍ଚୁ ନାହିଁ। ସୁପ୍ରିମକୋର୍ଟ ପଚାରିଥିଲେ ଯେ, ରାଜ୍ୟଗୁଡ଼ିକ କ'ଣ ରାସନ କାର୍ଡକୁ ଲୋକ ଦେଖାଣିଆ ପାଇଁ ବ୍ୟବହାର କରୁଛନ୍ତି ପ୍ରକୃତରେ କ'ଣ ଲାଭଗୁଡ଼ିକ ବିପିଏଲ୍ ପରିବାରମାନଙ୍କ ପାଖରେ ପହଞ୍ଚୁଛି ଶୁଣାଣିରେ କରୋନାର କଥା କାର୍ଡଗୁଡ଼ିକୁ ସେହି ରାଜ୍ୟମାନେ ଦେଖାଇବା ପାଇଁ ବ୍ୟବହାର କରନ୍ତି ଯେଉଁମାନେ ଦାବି କରୁଛନ୍ତି ଯେ, ସେମାନେ ବହୁ ସଂଖ୍ୟକ ରାସନ କାର୍ଡ ଜାରି କରିଛନ୍ତି। କୋଭିଡ୍ – ୧୯ ମହାମାରୀ ସମୟରେ ପ୍ରବାସୀ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ଅସୁବିଧାକୁ ଦୃଷ୍ଟିରେ ରଖି ଦାଖଲ ଏକ ମାମଲାର ଶୁଣାଣି କରି କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି।

# ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମଙ୍କ ସୁପାରିସ

ନୂଆଦିଲ୍ଲୀ/କଟକ, : ଆହ୍ଲାବାଦ ହାଇକୋର୍ଟକୁ ଜଷ୍ଟିସ ଅରିନ୍ଦମ ସିହ୍ନାଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ସୁପାରିସ କରିଛନ୍ତି। ସୁପ୍ରିମକୋର୍ଟ କଲେଜିୟମଙ୍କ ମାର୍ଚ୍ଚ ୬ ଓ ୨୦ ତାରିଖ ବୈଠକରେ ଜଷ୍ଟିସ ସିହ୍ନାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି ପାଇଁ ସୁପାରିସ କରାଯାଇଛି ବୋଲି ଜାରି ବିଜ୍ଞପ୍ତିରୁ ସୂଚନା ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ ବର୍ତ୍ତମାନ ଜଷ୍ଟିସ ଅରିନ୍ଦମ ସିହ୍ନା ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଅଛନ୍ତି। ୧୯୬୫, ସେପ୍ଟେମ୍ବର ୨୨ରେ ଜଷ୍ଟିସ ଅରିନ୍ଦମ ସିହ୍ନା ଜନ୍ମ ଗ୍ରହଣ କରିଥିଲେ। ୧୯୯୧, ମାର୍ଚ୍ଚ ୧୧ରେ ସେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ୨୨ ବର୍ଷ କଲିକତା ହାଇକୋର୍ଟରେ ଆଇନଜୀବୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ୨୦୧୩, ଅକ୍ଟୋବର ୩୦ରେ କଲିକତା ହାଇକୋର୍ଟର ବିଚାରପତି ଭାବେ ସେ ଶପଥ ଗ୍ରହଣ କରିଥିଲେ। ଏହାପରେ ଓଡ଼ିଶା ହାଇକୋର୍ଟକୁ ତାଙ୍କର ବଦଳି ହୋଇଥିଲା। ୨୦୨୧, ଅକ୍ଟୋବର ୮ରେ ସେ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ଶପଥ ଗ୍ରହଣ କରିଥିଲେ। ୨୦୨୫, ଜାନୁଆରି ୧୯ରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ



ଶରଣ ସିଂହ ଅବସର ଗ୍ରହଣ କରିବା ପରେ ଜାନୁଆରି ୨୦ରୁ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ସେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି।

## ଦିଲ୍ଲୀର ୩ମନ୍ଦିର ଉପରେ ବୁଲଡୋଜର

# ଆକ୍ସନ ବନ୍ଦ କରିବାକୁ ମନା କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ (ଭିଓଭି): ଦିଲ୍ଲୀର ତିନିଟି ମନ୍ଦିର ଉପରେ ବୁଲଡୋଜର ଚଳାଇବା ବିରୋଧରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଦିଲ୍ଲୀ ହାଇକୋର୍ଟ ଯିବାକୁ କହିଛନ୍ତି। ବିଳମ୍ବିତ ରାତିରେ ଦାୟର କରାଯାଇଥିବା ଆବେଦନକୁ ଏକ ସ୍ୱତନ୍ତ୍ର ଅନୁରୋଧରେ ସକାଳେ ତିନି ଜଣ ବିଚାରପତିଙ୍କ ଖଣ୍ଡପୀଠ ସମ୍ମୁଖରେ ତାଲିକାଭୁକ୍ତ କରାଯାଇଥିଲା। ଖଣ୍ଡପୀଠର ନେତୃତ୍ୱ ନେଉଥିବା ବିଚାରପତି ବିକ୍ରମ ନାଥ ପ୍ରଥମେ ଆବେଦନକାରୀଙ୍କ ଓକିଲ ବିଷ୍ଣୁ ଶଙ୍କର ଜୈନଙ୍କୁ କହିଥିଲେ ଯେ ଶୁଣାଣି ଅପରାହ୍ନ ୨ଟାରେ ହେବ। ସେ ଏହା ମଧ୍ୟ କହିଥିଲେ ଯେ ତାଙ୍କୁ ତାଙ୍କ ଆବେଦନର ଏକ କପି ଦିଲ୍ଲୀ ବିକାଶ ପ୍ରାଧିକରଣ (ଡିଡିଇ)ର ଓକିଲଙ୍କୁ ଦେବା ଉଚିତ ଯାହାଦ୍ୱାରା ସେ ଏଥିରେ ନିଜର ପକ୍ଷ ରଖିପାରିବେ, କିନ୍ତୁ ଏହା ପରେ ଜଷ୍ଟିସ୍ ବିକ୍ରମ ନାଥ ତାଙ୍କ ସହଯୋଗୀ ବିଚାରପତି ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ସନ୍ଦୀପ ମେହେଟାଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କର ମତ ପରିବର୍ତ୍ତନ ହୋଇଥିଲା। ସେ ଆବେଦନକାରୀଙ୍କ ଓକିଲଙ୍କୁ କହିଥିଲେ ଯେ ତାଙ୍କୁ ହାଇକୋର୍ଟ ଯିବା ଉଚିତ। ପୂର୍ବ ଦିଲ୍ଲୀର ମୟୂର ବିହାର ଫେଜ୍-୨ ରେ ଥିବା ତିନୋଟି ମନ୍ଦିର – ପୂର୍ବୋ ଦିଲ୍ଲୀ କାଳୀ ବାଡ଼ି, ଅମରନାଥ ମନ୍ଦିର ଏବଂ ବଦ୍ରିନାଥ ମନ୍ଦିର – ପାଇଁ ଓକିଲ ବିଷ୍ଣୁ ଜୈନ ଜରୁରୀକାଳୀନ ପରିସ୍ଥିତିର ଉଦାହରଣ ଦେଇଥିଲେ। ସେ କହିଛନ୍ତି ଯେ ରାତି ୯ଟାରେ ମନ୍ଦିରଗୁଡ଼ିକରେ ନୋଟିସ ଲଗାଯାଇଥିଲା ଏବଂ ସକାଳେ ୫୦୦ରୁ ଅଧିକ ପୋଲିସ କର୍ମଚାରୀଙ୍କ ସହିତ ଏକ ବୁଲଡୋଜର ସ୍କ୍ୱାଡ୍ ସେଠାରେ ପହଞ୍ଚିଥିଲା। ଓକିଲ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ସୁପ୍ରିମକୋର୍ଟ ଦିଲ୍ଲୀର ଜାହାଙ୍ଗୀରପୁରୀର ଏକ ମସଜିଦ ଉପରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନର ତୁରନ୍ତ ଶୁଣାଣି କରି କାର୍ଯ୍ୟାନୁଷ୍ଠାନକୁ ବନ୍ଦ ଅଟାଇଦେଇଥିଲେ ।




## TARIFF

| | | |
|---|---|---|
| Full Page | Colour | -15000 |
| Full Page | B/W | - 10000 |
| Half Page | Colour | -10000 |
| Half Page | B/W | - 6000 |
| Quarter Page | Colour | - 5000 |
| Quarter Page | B/W | - 3000 |



CONTACT

6371417361 voiceofvictimsnews@gmail.com
www.voiceofvictims.co.in
Follow/Like/Subscribe :
Voice Of Victims News


Printed by Gyana Ranjan Mishra and published by Gyana Ranjan Mishra on behalf of Voice Of Victims Trust and Printed at M/S Bhagawati Electronic Process,D-3, Mancheswar Industrial Estate, Bhubaneswar,Khurda, Odisha, Pin- 751010 and Published at EB-24, Stage-V, Laxmisagar Brit colony, Bhubaneswar, Khurda, Odisha, Pin-751006

Editor: Gyana Ranjan Mishra
ସମ୍ପାଦକ: ଜ୍ଞାନ ରଞ୍ଜନ ମିଶ୍ର